**ପୁଣି ବିବାଦରେ ବନବିଭାଗ**

# ଲାଇସେନ୍ସ ପ୍ରଦାନରେ ଅହେତୁକ ଅନୁକମ୍ପା

**ବଲାଙ୍ଗିର, ୨୪।୬(ସମିସ)**

ବିବାଦରେ ବଲାଙ୍ଗିର ବନ ବିଭାଗ। ବିଭିନ୍ନ ଘଟଣାକୁ ନେଇ ଅନେକ ସମୟରେ ବିବାଦରେ ରହିଆସିଥିବା ବଲାଙ୍ଗିର ବନ ବିଭାଗ କରତ କଳ ଲାଇସେନ୍ସ ପ୍ରଦାନ ଓ ତତ୍‌ସମ୍ବନ୍ଧୀୟ କିଛି ଘଟଣାକୁ ନେଇ ପୁଣି ଚର୍ଚ୍ଚାରେ ବନ ବିଭାଗର କିଛି ଅଧିକାରୀ ଓ କର୍ମଚାରୀ। ଜଣେ ବ୍ୟକ୍ତିଙ୍କୁ ଲାଇସେନ୍ସ ପ୍ରଦାନରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ନେଇ ଅଭିଯୋଗ ହୋଇଥିବାବେଳେ ତାଙ୍କ ପ୍ରଭାବରେ ଆସି ମନମୁଖୀ କାରବାର କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ବେଆଇନ ଭାବେ କାଠଗଣ୍ଡି ଆଣି ତଥ୍ୟ ଲୁଚାଇବା ଘଟଣାରେ ମଧ୍ୟ ସମ୍ପୃକ୍ତ କରତକଳ ମାଲିକଙ୍କୁ ସୁରକ୍ଷା ଦିଆଯାଇଥିବା ଅଭିଯୋଗ କରିଛନ୍ତି କରତକଳ ମାଲିକଙ୍କ ସହଯୋଗୀ।

ଅଭିଯୋଗ ଅନୁସାରେ ବଲାଙ୍ଗିର ଶିଳ୍ପାଞ୍ଚଳରେ କରତକଳ କରିବାପାଇଁ ଏକାଧିକ ମାଲିକଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏହିମାନଙ୍କ ଭିତରୁ ଲକ୍ଷ୍ମୀନାରାୟଣ କରତକଳ ଓ ପରେଶ କରତକଳର କାର୍ଯ୍ୟ ଓ ଅନିୟମିତତା ଏବେ ସାମ୍ନାକୁ ଆସିଛି। ଲକ୍ଷ୍ମୀ ନାରାୟଣ କରତକଳ ପୂର୍ଣ୍ଣଚନ୍ଦ୍ର ମେହେର ଓ ପ୍ରମୋଦ କୁମାର ମିଶ୍ରଙ୍କ ନାମରେ ରହିଛି। ବଲାଙ୍ଗିର ଶିଳ୍ପାଞ୍ଚଳ ଫେଜ -୧, ରିନବଚନ ମୌଜାରେ ଏହି କରତକଳ ପାଇଁ ଲାଇସେନ୍ସ ପ୍ରଦାନ କରିଛି ବନ ବିଭାଗ। ୨୦୧୬ ମସିହାରେ ଏହି କରତକଳକୁ ଲାଇସେନ୍ସ ମିଳିଥିବା ବେଳେ ଇଡ୍‌କୋ ପକ୍ଷରୁ ଏହି କରତକଳ ପାଇଁ ଜମି ଉଭୟଙ୍କ କରତକଳ ମାଲିକଙ୍କୁ ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହି ଜମି କେବଳ ପୂର୍ଣ୍ଣଚନ୍ଦ୍ର ମେହେରଙ୍କୁ ଦିଆଯାଇଥିବାବେଳେ

**କାର୍ଯ୍ୟାନୁଷ୍ଠାନରେ ଅଧିକାରୀ ଓ ଅସାଧୁ କର୍ମଚାରୀଙ୍କ ମନମୁଖି କାରବାର**

କରତକଳ ମାଲିକାନା ସହଯୋଗିତା ପାଇଁ ବନ ବିଭାଗର ଜଣେ ଅସାଧୁ କର୍ମଚାରୀ ଏହିଭଳି କରିଥିବା ଅଭିଯୋଗ ହୋଇଛି। ଏହି କରତକଳର ଲାଇସେନ୍ସ ଅବଧି ଚଳିତବର୍ଷ ଏପ୍ରିଲ ୧୪ ତାରିଖରୁ ସମାପ୍ତ ହୋଇଥିବାବେଳେ ଲାଇସେନ୍ସ ନବୀକରଣ କରାଯାଇ ନାହିଁ। ଅନ୍ୟପକ୍ଷରେ ଏହି କରତକଳ ବିରୋଧରେ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଗତ ଏପ୍ରିଲ ୧୦ ତାରିଖରେ ଉକ୍ତ କରତକଳ ମାଲିକ ପ୍ରାୟ ୧୫ଶହ ସିଫ୍‌ଟି ଗଣ୍ଡି ଛତିଶଗଡ଼ରୁ ସମସ୍ତ କାଗଜପତ୍ର ସହ ଉଠାଇଥିଲେ। କିନ୍ତୁ କରତକଳ ରେଜିଷ୍ଟରରେ ଏହାକୁ ନଦର୍ଶାଇ ବେଆଇନ ଭାବେ ସାଇଜ ପଟା କରି ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ହେବା ପରେ ଏପର୍ଯ୍ୟନ୍ତ ସମ୍ପୃକ୍ତ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ବିଭାଗୀୟ ଅଧିକାରୀ ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଏନେଇ ଏପର୍ଯ୍ୟନ୍ତ କୌଣସି କାରଣଦର୍ଶାଅ ନୋଟିସ ମଧ୍ୟ ଜାରିହୋଇ ନ ଥିବାବେଳେ ଓଲଟି ଅନେକ ଅଭିଯୋଗ ସତ୍ତ୍ୱେ ପୁଣି ଥରେ ଲାଇସେନ୍ସ ନବୀକରଣ କରିବା ପାଇଁ ଚକ୍ରାନ୍ତ ଚାଲିଥିବା ଅଭିଯୋଗ ହୋଇଛି। ସେହିପରି ଏହି କରତକଳ ସହଯୋଗୀ ମାଲିକ ପ୍ରମୋଦ ମିଶ୍ରଙ୍କ ସ୍ତ୍ରୀଙ୍କନାମରେ ଆଉଏକ କରତକଳ ଆଉଜଣେ ମାଲିକଙ୍କ ସହ ସହଭାଗୀତାରେ ଚଳାଉଥିବା ଜଣାପଡ଼ିଛି। ପରେଶ କରତକଳ ମାଲିକ ଅରବିନ୍ଦ ପଟେଲଙ୍କ ସହ ୨୦୨୩ରେ ତାଙ୍କ ସ୍ତ୍ରୀଙ୍କ ନାମ ଦେଇ ବ୍ୟବସାୟ ଆରମ୍ଭ କରିଥିଲେ। ୨୦୨୧ରେ ଆରମ୍ଭ ହୋଇଥିବା ଏହି କରତକଳ ବ୍ୟବସାୟ ପାଇଁ ଏକ ନୋଟାରି ଷ୍ଟାମ୍ପରେ ସହଯୋଗୀ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ବନ ବିଭାଗର ଅଧିକାରୀମାନଙ୍କ ସହ ରହିଥିବା ଅସାଧୁ ସମ୍ପର୍କ ବ୍ୟବହାର କରି ସେ ୯୦ ପ୍ରତିଶତର ମାଲିକ ହୋଇଥିବା ଅରବିନ୍ଦ ପଟେଲ ଅଭିଯୋଗ କରିଛନ୍ତି। ଅରବିନ୍ଦ ପଟେଲଙ୍କ ନାମରେ କରତକଳର ସବୁକିଛି ରହିଥିବାବେଳେ ଏବେ ତାଙ୍କୁ ଧମକାଇ ପ୍ରମୋଦମିଶ୍ର ନିଜେ କରତକଳ ହାଇଜାକ୍ କରିବାକୁ ଚେଷ୍ଟା କରୁଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଅଜାଣତରେ ଏହି କାରବାର ହୋଇଥିବା ସେ କହିଛନ୍ତି। ତାଙ୍କ ନାମରେ ଇଡ୍‌କୋ ଜମି ରହିଥିବାବେଳେ କରତକଳର ସମସ୍ତ କାଗଜପତ୍ର, ଦସ୍ତାବିଜ ରହିଛି। କିନ୍ତୁ ତାଙ୍କ ସ୍ତ୍ରୀଙ୍କ ନାମରେ ପ୍ରମୋଦ ମିଶ୍ର ଏହାକୁ ହାତେଇବାକୁ ବାରମ୍ବାର ବନବିଭାଗ ଅଧିକାରୀମାନଙ୍କୁ ପ୍ରଭାବିତ କରୁଥିବା ଅରବିନ୍ଦ କହିଛନ୍ତି। ଏନେଇ ଅରବିନ୍ଦ ପଟେଲ ବନବିଭାଗର ଅଧିକାରୀମାନଙ୍କ ପାଖରେ ଅନେକ ଥର ଅଭିଯୋଗ କରିଥିବା ବେଳେ ଲାଇସେନ୍ସ ନବୀକରଣ ସମୟରେ ତାଙ୍କ ନାମ କାଟିଦେବାକୁ ମଧ୍ୟ ଅନୁରୋଧ କରିଛନ୍ତି। କିନ୍ତୁ ବନବିଭାଗର ଅଧିକାରୀମାନେ ତାଙ୍କୁ ସାହାଯ୍ୟ କରିବା ବଦଳରେ ହଇରାଣ କରୁଥିବା ସେ କହିଛନ୍ତି। ଏପରିକି ସେ ଏନେଇ ଆରସିସିଏଫ୍‌ଙ୍କ ପାଖରେ ମଧ୍ୟ ଅଭିଯୋଗ ଦାଖଲ କରିଛନ୍ତି। ଲାଇସେନ୍ସ ନବୀକରଣରେ ତଞ୍ଚକତା କରାଯାଇଥିବା ସେ ଅଭିଯୋଗ ଆଣିବା ସହ ନ୍ୟାୟ ପାଇଁ ଦାବି କରିଛନ୍ତି। ଏ ନେଇ ବିଏଫ୍‌ଓ ସୁଦର୍ଶନ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ନ ଉଠେଇବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ନିର୍ଭୀକ ଚୋର, ନିଷ୍କ୍ରିୟ ପୁଲିସ



- ଦିନବେଳା ଚ୍ୟାଲେଞ୍ଜ, ରାତିରେ ଚୋରି
- ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସୂର୍ଯ୍ୟନଗର ପଡ଼ାବାସୀ

**ବଲାଙ୍ଗିର, ୨୪।୬(ସମିସ):** ଆଉ ଲୁଚିଛପି ନୁହେଁ। ଖୋଲାଖୋଲି ମାରଣାସ୍ତ୍ର ଧରି ଘରକୁ ଆସୁଛନ୍ତି, ଘର ମାଲିକଙ୍କୁ ଧମକ ଦେଉଛନ୍ତି ଆଜି ତୁମ ଘରୁ ଚୋରି କରିବୁ ଯାହା କରିବାର ଅଛି କରିନେବ। ସତରେ ରାତିରେ ସେହି ଘରକୁ ପଶି ଚୋରି କରୁଛନ୍ତି। ବଲାଙ୍ଗିର ସହରରେ ଚୋରମାନଙ୍କ ଉତ୍ପାତ ବୃଦ୍ଧି ପାଇଥିବାବେଳେ ଏବେ ଭୟରେ ସହରବାସୀ। କାରଣ ଏଠାରେ ପୁଲିସ ନିଷ୍କ୍ରିୟ, ଚୋର ନିର୍ଭିକ।

ପ୍ରକାଶ ଯେ ଦୁଇଦିନତଳେ ସୂର୍ଯ୍ୟନଗରଠାରେ ସ୍ପଷ୍ଟ ଦିବାଲୋକରେ ତିନିଜଣ ଦୁର୍ବୃତ୍ତ ଏକ ଗୋଦାମର ସଟର ଫାଡୁଥିଲେ। ଏହାଦେଖି ପଡ଼ାର ଯୁବକମାନେ ତାଙ୍କୁ ଗୋଡ଼ାଇଥିଲେ। ଚୋରମାନେ ଫେରାର ମାରିବା ସମୟରେ ଧମକ ଦେଇଯାଇଥିଲେ ଆଜି ଏଠାରୁ ଚୋରି କରିବୁ ଯାହା କରିବାର ଅଛି କରିନିଅ। ସେହିଦିନ ବିଳମ୍ବିତ ରାତି ପ୍ରାୟ ୨ ଟା ସମୟରେ ଚୋରି କରି ଫେରାର ମାରିଥିଲେ। ସେହିଭଳି ଗତକାଲି ରାତିରେ ମଧ୍ୟ ଦ୍ରୋଣ ସାହୁଙ୍କ ନିର୍ମାଣଧୀନ ଘରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କାର ପାଇପ, ମୋଟର, ବିଦ୍ୟୁତ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ଫେରାର ମାରିଥିଲେ। ଲଗାତାର ଦୁଇଟି ଚୋରି ହୋଇଥିବାରୁ ପଡ଼ାବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏ ସମ୍ପର୍କରେ ଟାଉନ ପୁଲିସକୁ ଲିଖିତ ଭାବରେ ଅଭିଯୋଗ କରିଥିଲେ ହେଁ ପୁଲିସ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହି ବୋଲି ସେମାନ ଅସନ୍ତୋଷ ପ୍ରକାଶ କରିଥିଲେ। ପୁଲିସର କାର୍ଯ୍ୟପ୍ରତି ଅସନ୍ତାଷ ପ୍ରକାଶ କରି ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବା ସହିତ ଏହାର ସମାଧାନ କରିବାକୁ ଦାବି କରିଥିଲେ।

# ଝିଅର ପାଠପଢ଼ା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଭିନ୍ନକ୍ଷମ



**ବଲାଙ୍ଗିର, ୨୪।୬(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅଧୀନ ସେମଲା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ଧନଞ୍ଜୟ ମେହେର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର ଝିଅର ପାଠପଢ଼ା ପାଇଁ ଅର୍ଥ ସମସ୍ୟା ଉପୁଜିଛି। ତାଙ୍କର ଶାରୀରିକ ଅକ୍ଷମତା ଯୋଗୁଁ ସେ ଏବେ ରୋଜଗାରକ୍ଷମ ନୁହନ୍ତି। ତେଣୁ ଝିଅର ପାଠପଢ଼ା ପାଇଁ ସେ ନିବେଦନ କରିବାକୁ ଆସିଥିବା କହିଥିଲେ। ଧନଞ୍ଜୟ ପୂର୍ବରୁ ରାଜମିସ୍ତ୍ରୀ କାମ କରୁଥିଲେ। ୨୦୨୦ ମସିହାରେ ସେ କାମ କରିବାକୁ ଯାଉଥିବାବେଳେ ବାଇକ ଦୁର୍ଘଟଣାରେ ଗୋଟିଏ ଗୋଡ଼ କଟି ଯାଇଥିଲା। ସେହିଦିନ ଠାରୁ ସେ କାମ କରି ପାରୁନାହାନ୍ତି। କୃତ୍ରିମ ଗୋଡ ସାହାଯ୍ୟରେ କେବଳ ଚଲାବୁଲା କରିପାରୁଛନ୍ତି। ତାଙ୍କର ଅକ୍ଷମତା ପାଇଁ ତାଙ୍କ ଝିଅର ଭବିଷ୍ୟତ ନଷ୍ଟ ନ ହେଉ। ତେଣୁକରି ସେ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ କିଛି ଆର୍ଥିକ ସାହାଯ୍ୟ ଭିକ୍ଷା କରିଛନ୍ତି।

# ବୀରାଙ୍ଗନା ଦୁର୍ଗାବତୀଙ୍କ 'ଜୀବନୀ' ପାଠ୍ୟ ପୁସ୍ତକରେ ସାମିଲ କରାଯାଉ

**ବଲାଙ୍ଗିର, ୨୪।୬(ସମିସ):** ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଏବଂ ଆଦିବାସୀ କର୍ମଚାରୀ ସଂଘ, ବଲାଙ୍ଗିର ମିଳିତ ଆନୁକୂଲ୍ୟରେ ମହାରାଣୀ ଦୁର୍ଗାବତୀ ମଣ୍ଡାବୀଙ୍କ ୪୬୧ତମ ବଳିଦାନ ଦିବସ ପାଳିତ ହୋଇଛି। ଭବନପରିସରରେ ଥିବା ମହାରାଣୀ ଦୁର୍ଗାବତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଗୋଁଣ୍ଡୱାନା ରାଜ୍ୟ ମହାରାଜା ସଗ୍ରାମ ଶାହା ମଣ୍ଡାବୀଙ୍କ କୂଳବଧୂ ମହାରାଣୀ ଦୁର୍ଗାବତୀ ମଣ୍ଡାବୀ ତାଙ୍କ ସ୍ୱାମୀ ମହାରାଜା ଦଳପତ ଶାହାଙ୍କ ଅକାଳ ମୃତ୍ୟୁ ପରେ ଖ୍ରୀ.୧୫୫୦ ରୁ ଖ୍ରୀ.୧୫୬୪ ପର୍ଯ୍ୟନ୍ତ ଶାସନ କରିଥିଲେ। ତାଙ୍କ ସମୟରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ, ରାଜ୍ୟ ପରିସୀମା ବର୍ଦ୍ଧନ, ବହୁ ପୋଖରୀ, ଦୁର୍ଗ, ଚାଷୀ ଗ୍ରାମ ସୃଷ୍ଟି କରି ଅତ୍ୟନ୍ତ ପ୍ରାଜାବତ୍ସଳ ଥିଲେ। ମହାରାଣୀ ଚଉଦ ବର୍ଷ ଶାସନ କାଳ ମଧ୍ୟରେ ଏକାବନ ଥର ଓ ମୋଗଲଙ୍କ ସହିତ ତିନି ଥର ଯୁଦ୍ଧ କରି କେବେ ପରାଜିତ ହୋଇ ନଥିଲେ। ସମ୍ରାଟ ଆକବରଙ୍କ ଦ୍ୱାରା ପ୍ରେରିତ ଛଅ ଜଣ ସେନାପତିମାନଙ୍କ ସହିତ ଯୁଦ୍ଧ କରି ଚାଲିଶି ବର୍ଷ ବୟସରେ ଜବଲପୁର ପାଖ ନର୍ରାଇ ଠାରେ ୨୪ ଜୁନ ୧୫୬୪ ରେ ମାତୃଭୂମିର ସୁରକ୍ଷା ପାଇଁ ଆତ୍ମ ବଳିଦାନ ଦେଇଥିଲେ। ସପ୍ତମଶ୍ରେଣୀ ଇତିହାସ ବହିରେ ଗୋଁଣ୍ଡୱାନା ମାନଚିତ୍ର ଥିଲେ ମଧ୍ୟ ଗୋଁଣ୍ଡୱାନା ରାଜାମାନଙ୍କ ବିଷୟରେ ବର୍ଣ୍ଣନାନାହିଁ, ତାଙ୍କର ଅତୁଳନୀୟ ସଂଗ୍ରାମୀ ଜୀବନୀକୁ ପାଠ୍ୟ ପୁସ୍ତକରେ ସାମିଲ କରିବା ତଥା ଆସନ୍ତା ଅଗଷ୍ଟ ୯ ତାରିଖ ବିଶ୍ୱ ଆଦିବାସୀ ଦିବସକୁ ଛୁଟି ଘୋଷଣା କରିବା ପାଇଁ ବକ୍ତାମାନେ ଦାବି କରିଥିଲେ। ସଭାରେ ପୌରାଞ୍ଚଳ ସଭାପତି ଦହିତ ଧରୁଆ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ଶିକ୍ଷା ମହାସଚିବ ମୀନକେତନ ମାଝୀ ମୁଖ୍ୟ ବକ୍ତା, ସମ୍ମାନିତଅତିଥି ଭାବେ ବେଣୁପାଣି ଧରୁଆ, ଧନଞ୍ଜୟ ରାଏ, କୌଶଲ୍ୟା କୁମୁରା ଯୋଗ ଦେଇଥିଲେ। ଏହି ଅବସରରେ ସୁଦାମ ସିରଦାର, ରୁଦ୍ରପ୍ରତାପ ଧରୁଆ, ଭୁପେନ୍ଦ୍ର କୁମାର ରାଏ, ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ବିକାଶ ପରିଷଦ ପକ୍ଷରୁ ଚାରାରୋପଣ

**ତୁରେକେଲା, ୨୪।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିକାଶ ପରିଷଦ ପକ୍ଷରୁ ତୁରେକେଲା ଶାଖାର ସଦସ୍ୟମାନଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ କଣ୍ଟାବାଞ୍ଜି ବରିଷ୍ଠ ବିଜେଡି ନେତା ଅଜୟ ଦାସ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ସଦସ୍ୟ ଅଜିତ ବେନିଆଁ, ସଞ୍ଜୀବ ମଲ୍ଲିକ, ଗୋଲାପ ବେନିଆଁ, ଲଛମନ ପୁଟା, ଡମରୁ ମାଝୀ, ଜଗବନ୍ଧୁ ମାଝୀ, ଲଛମନ ପୁଟେଲ, କେଦାର ପଣ୍ଡା, ଜନତା କୁଁଅର, ବିଲାତୁ ସମରଥ, ନାରୀ ନେତ୍ରୀ ସସ୍ମିତା ଦଣ୍ଡସେନା, ଯାଜ୍ଞସେନି ନାଗ, ଲୟନ୍ତି ଭୋଇ, ହେମଗିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



**ଟିଟିଲାଗଡ଼ ବିଧାୟକଙ୍କ ସଇଁତଳା ଗସ୍ତ**

# ସମସ୍ୟା ଶୁଣିଲେ, ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ



**ସଇଁତଳା, ୨୪।୬(ସମିସ):** ଟିଟିଲାଗଡ଼ ବିଧାୟକ ଭାବରେ ନବୀନ ଜୈନ ବିଜୟୀ ହେବାପରେ ରବିବାର ପ୍ରଥମ କରି ସଇଁତଳା ବ୍ଲକର କୁଇକେଡ ଗଣ୍ଡପତ୍ରାପାଲି, ଧରବଗଡ଼, ଛନଛତ୍, କରମତଲା କୁମ୍ଭାରୀ ତାଲବାହାଲ ଓ ଡେଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲେ। ଏହି ଗସ୍ତସମୟରେ ଗ୍ରାମରେ ଥିବା ପାନୀୟ ଜଳର ଘୋର ଅଭାବ ତଥା ବସୁଧା ଯୋଜନାରେ ବିଛାଯାଇଥିବା ପାଇପ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଯୋଗୁଁ ଅନେକ ଜାଗାରେ ଫାଟି ଯାଇଥବାରୁ ପାନୀୟ ଜଳ ଯୋଗାଣରେ ବାଧାପ୍ରାପ୍ତ ହେଉଥିବା ଜନସାଧାରଣ ଅଭିଯୋଗ କରିଥିଲେ। ଗଣ୍ଡପତ୍ରାପାଲି ଗ୍ରାମରେ ଖେଳ ପଡ଼ିଆ, ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ଚାଷ ଜମିକୁ ଜଳ ସେଚନର ସୁବିଧା ପାଇଁ ସଇଁତଳା ଓକିଲ ସଂଘର ସମ୍ପାଦକ ଫିରୋଜ ବଗତି, ସୁରେନ୍ଦ୍ର ସାଇଁ, କୌତୁଜ ରଣା, ଲିଙ୍ଗରାଜ ବଗତିଙ୍କ ସମେତ ଗ୍ରାମର ବହୁ ପୁରୁଷ ମହିଳା ବିଧାୟକଙ୍କ ନିକଟରେ ଦାବୀ କରିଥିଲେ। ଅନ୍ୟପକ୍ଷରେ ଧରବଗଡ଼ଠାରେ ଖଣ୍ଡାଝାନାଳାର ଉନ୍ନତିକରଣ, ଦଶମତି ଜଟାର ପଙ୍କୋଦ୍ଧାର, ଧରବଗଡ଼ ବରପଦରକୁ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ରାସ୍ତା ଆଲୋକୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକ ଘର ଦାବି କରିଥିଲେ। ବିଧାୟକ ଶ୍ରୀ ଜୈନ ଜନସାଧାରଣଙ୍କ ଦାବିର ସମାଧାନ ଖୁବଶୀଘ୍ର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଡୋଳାମଣୀ ବସ୍ତିଆ, ସର୍ବେଶ୍ୱର ମହାପାତ୍ର, ପ୍ରେମାନନ୍ଦ ସାଇଁ, ବିମଳ ଶର୍ମା, ଶରତ ଚନ୍ଦ୍ର ବାଗ, ନରୋତମ ବଗତି, ପ୍ରଦୀପ ଦୋର, ସୁରେଶ ରଣା, ରାଜୁ ପଧାନ, ବିରଞ୍ଚି ସାହୁଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଝାରମୁଣ୍ଡାରେ ବିଜେଡି କର୍ମୀ ସମ୍ମିଳନୀ



**ଲୋଇସିଂହା, ୨୪।୬(ସମିସ):** ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥ୍‌ଲେଟିକ ଆସୋସିଏସନ୍ କ୍ଲବ୍‌ଠାରେ ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ହୃଦାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଲୋଇସିଂହା ନିର୍ବାଚନମଣ୍ଡଳୀର ବିଜେଡି ନେତା ନିହାର ରଞ୍ଜନ ବେହେରା, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଉପସ୍ଥିତ ଥିଲେ। ନିର୍ବାଚନରେ ଦଳ ସାମ୍ନା କରିଥିବାପରାଜୟର ସମୀକ୍ଷା କରାଯିବା ସହ ଆଗକୁ ପୁଣି ଏକଜୁଟ ହୋଇ ଅଞ୍ଚଳ ତଥା ଦଳ ପାଇଁ ଲଢେଇ କରିବାକୁ ଉପସ୍ଥିତ ନେତା ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ ବେହେରା, ରମାକାନ୍ତ ବିଶ୍ୱାଳ, ପ୍ରଦୀପ ସାହୁ, କିରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ ହର୍ଡାଟାଲ**

# ଛିନ୍ନଛତ୍ର ହୋଇଯାଇଥିବା ଗାଁକୁ ବାନ୍ଧି ରଖିଛି 'ବିସ୍ଥାପିତ ପରିବାର'









**ବଲାଙ୍ଗିର, ୨୪।୬(ସମିସ)**

*ଗାଁ କହୁଛି ବିକାଶର କଥା। ଗାଁରୁ ପଞ୍ଚାୟତ ସବୁଠି ସୁଦୃଢ଼ ଓ ଉନ୍ନତ ଭିତ୍ତିଭୂମି ପୂରଣ କରିଛି ଲୋକଙ୍କ ଆଶା। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟଜଳ ଯୋଗାଣଠାରୁ ଆରମ୍ଭ କରି ନାରୀ ଜାଗରଣ। ସମସ୍ତ କ୍ଷେତ୍ରେରେ ସୁଧୁରିଛି ବ୍ୟବସ୍ଥା। ମା ମାଟି ପାଇଁ କିଛି କରି ଦେଖାଇବାର ଲକ୍ଷ୍ୟ ନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସରପଞ୍ଚ। ଏଭଳି କିଛି କାହାଣୀକୁ ନେଇ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା 'ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ'।*

ଲୋୟର ସୁକତେଲ ପ୍ରକଳ୍ପ। ଶୁଖିଲା ମାଟିକୁ ଭିଜାଇବା ପାଇଁ ଏହି ପ୍ରକଳ୍ପରେ ବଳି ପଡ଼ିଛି ୨୯ ଖଣ୍ଡ ଗାଁ। ଘର ଦ୍ୱାର, ଜମିବାଡିରେ ପାଣିରେ ବୁଡିଗଲା। ଗୋଟିଏ କୁଟୁମ୍ବ ଭଳି ରହୁଥିବା ଗ୍ରାମବାସୀ ଦେଖୁଦେଖୁ ଛିନ୍ନଛତ୍ର ହୋଇଗଲେ। କିନ୍ତୁ ଯିଏ ଯେଉଁଠି ରହିଲେ ବି ଆତ୍ମୀୟ ହୋଇ ରହିବେ ବୋଲି ଚିନ୍ତାକରି ହର୍ଡାଟାଲ ସରପଞ୍ଚ ହ୍ୱାଟ୍ସଆପ୍‌ରେ ସମ୍ପର୍କର ସେତୁ ବାନ୍ଧିଛନ୍ତି। 'ବିସ୍ଥାପିତ ପରିବାର' ହ୍ୱାଟ୍ସଆପ୍ ଗ୍ରୁପ ମାଧ୍ୟମରେ ହର୍ଡାଟାଲ ପଞ୍ଚାୟତର ୫ ଟି ଗ୍ରାମକୁ ଏକ କରି ରଖିଛନ୍ତି।

ଖୁଣ୍ଟପାଲି, ହର୍ଡାଟାଲ, ବଡ଼ତେଲେନପାଲି, ଖଗସାବାହାଲ ଓ ପରିଆ ଗାଁକୁ ନେଇ ଗଠିତ ହୋଇଛି ହର୍ଡାଟାଲ ପଞ୍ଚାୟତ। ଲୋୟର ସୁକତେଲ ପ୍ରକଳ୍ପ ବୁଡି ଅଞ୍ଚଳ ଅଧୀନରେ ଖୁଣ୍ଟପାଲି, ଖଗସାବାହାଲ ଓ ବଡ଼ତେଲେନପାଲି ଗାଁ ବିସ୍ଥାପିତ ହୋଇଛି। ଖୁଣ୍ଟପାଲି ଗ୍ରାମବାସୀଙ୍କୁ ସଦେଇପାଲି ଓ ଲର୍କିପାଲି ସ୍ଥିତ ଆରଆର କଲୋନୀରେ ଥଇଥାନ କରାଯାଇଛି। ସେହିଭଳି ଖଗସାବାହାଲର ଲୋକଙ୍କୁ କର୍ଲାପିଟା, ହରିପାଲି ଓ ହର୍ଡାଟାଲ ଓ ବଡତେଲେନପାଲିର ଲୋକଙ୍କୁ ହର୍ଡାଟାଲ ଓ ବଲାଙ୍ଗିରରେ ଥଇଥାନ କରାଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇ ବନିତା ବାରିକ ଦାୟିତ୍ୱ ନେବାର ବର୍ଷେ ପରେ ଏହି ସବୁ ଗାଁ ବିସ୍ଥାପିତ ହୋଇଥିଲା। ସରପଞ୍ଚଙ୍କ ପରିବାର ନିଜେ ବଡ଼ତେଲେନପାଲିରୁ ବିସ୍ଥାପିତ ହୋଇ ହର୍ଡାଟାଲରେ ରହୁଛନ୍ତି। ବର୍ତ୍ତମାନ ହର୍ଡାଟାଲଠାରେ ଅସ୍ଥାୟୀ ଭାବରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଛି। ଏଣେତେଣେ ରହୁଥିବା ସମସ୍ତ ଗ୍ରାମବାସୀଙ୍କ ସହିତ ସମ୍ପର୍କରେ ରହିବାକୁ ସରପଞ୍ଚ ବନିତା ବାରିକ 'ବିସ୍ଥାପିତ ପରିବାର' ନାମରେ ଏକ ହ୍ୱାର୍ସଆପ୍ ଗ୍ରୁପ ଗଠନ କରିଛନ୍ତି। ପଞ୍ଚାୟତର ସମସ୍ତ ସୂଚନା ଓ ସରକାରୀ ଯୋଜନା ଓ ଲୋକଙ୍କ ଅଭିଯୋଗ ଏହି ହ୍ୱାଟ୍‌ସଆପ ଗ୍ରୁପରେ ପୋଷ୍ଟ କରଯାଏ। ଏହା ବାଦ ପଞ୍ଚାୟତର ସମସ୍ତ ହୀତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ହରିଶ୍ଚନ୍ଦ୍ର ଯୋଜନାରେ ଶୀଘ୍ର ମୃତକଙ୍କ ପରିବାରଙ୍କୁ ସହୟତରା ଯୋଗାଇ ଦିଆଯାଉଛି। ପରିଆ ଗ୍ରାମରେ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। ସୋଲାର ଟେପ ମାଧ୍ୟମରେ ପାନୀୟଜଳର ବ୍ୟବସ୍ଥା କରାଯାଇଛି। ପରିଆ ଓ ହର୍ଡାଟାଲରେ ମାଟି ଉନ୍ନତିକରଣ, ବନ୍ଧକଟାରେ ପାହାଚ ନିର୍ମାଣ କରାଯାଇଛି। ହର୍ଡାଟାଲରେ କଲ୍ୟାଣ ମଣ୍ଡପ ଓ ମଣ୍ଡପ ନିର୍ମାଣ କରାଯାଇଛି। ସ୍କୁଲ ଓ ଶ୍ରେଣୀକୋଠରୀର ଉନ୍ନତୀକରଣ କରାଯାଇଛି। ଅଙ୍ଗନବାଡି କେନ୍ଦ୍ରର ଉନ୍ନତୀକରଣ କରାଯାଇଛି। ଗୋଟିଏ ପରିବାର ଭଳି ରହୁଥିବା ପଞ୍ଚାୟତ ଏବେ ଛିନ୍ନଛତ୍ର ହୋଇଥିବାରୁ ମନରେ ଅନେକ କଷ୍ଟ ହେଉଥିବା ସରପଞ୍ଚ ବନିତା ବାରିକ କହନ୍ତି। ଛାତିର କୋହକୁ ଚାପି ଧରି ଲୋକେ ଦେଇଥିବା ଦାୟିତ୍ୱକୁ ନିର୍ବାହ କରୁଛନ୍ତି। ଯିଏ ଯେଉଁଠି ଥିଲେ ହେଁ ହର୍ଡାଟାଲ ପଞ୍ଚାୟତ ତାଙ୍କର ପରିବାର ଓ ପଞ୍ଚାୟତର ଲୋକଙ୍କ ସେବା ପାଇଁ ଯେ କୌଣସି ପରିସ୍ଥିତିରେ ହାଜିର ହେବେ ବୋଲି ବନିତା ବାରିକ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଳାହାଣ୍ଡି ସାଂସଦ



**ଭବାନୀପାଟଣା, ୨୪।୬(ସମିସ):** କଳାହାଣ୍ଡି ଲୋକସଭା ସାଂସଦ ମାଳବିକା କେଶରୀ ଦେଓ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସାଂସଦ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଡାକ୍ତରଖାନାର ସମସ୍ୟା, ଦାଦନ ଶ୍ରମିକ ସମସ୍ୟା ଏବଂ ନର୍ଲାଠାରେ ପ୍ରସ୍ତାବିତ ଲୋକୋମୋଟିଭ କାରଖାନା ପାଇଁ ତୁରନ୍ତ ଜମି ଅଧିଗ୍ରହଣ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାଂସଦଙ୍କ ସହିତ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ଅନିଲ ନନ୍ଦ ଓ ରାକେଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ଟୋଲ୍ ଟିକସ ଛାଡ଼ ନେଇ ଆଉ ଏକ ବୈଠକ ପାଇଁ ତହସିଲଦାରଙ୍କୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କେସିଙ୍ଗା, ୨୪।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ନୁନ ମାଠରେ ଅବସ୍ଥିତ ଜିଲ୍ଲାର ପ୍ରଥମ ଟୋଲ ଗେଟରୁ ଟ୍ୟାକ୍ସ ଛାଡ଼ ନେଇ ଅଞ୍ଚଳବାସୀ ଦାବି କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନି। ପ୍ରଶାସନ ପକ୍ଷରୁ ପୂର୍ବରୁ ଏନେଇ ଏକ ବୈଠକ ବସିଥିଲେ ମଧ୍ୟ ସମାଧାନର ବାଟ ଫିଟିନି। ପୁଣିଥରେ ଏ ବାବଦରେ ଆସନ୍ତା ୨୬ ତାରିଖରେ ଏକ ବୈଠକ କରିବାକୁ ଉପଜିଲ୍ଲାପାଳ ତହସିଲଦାରଙ୍କୁ ପତ୍ର ଲେଖିଛନ୍ତି। ପ୍ରକାଶଥାଉକି ଟୋଲ ଟ୍ୟାକ୍ସ ଛାଡ଼ ବିଷୟରେ କେସିଙ୍ଗା ତହସିଲଦାରଙ୍କ ଅଧ୍ୟକ୍ଷତା ଫେବୃଆରୀ ୧୬ ତାରିଖରେ ବ୍ଲକ ସଭା ଗୃହରେ ଏନ୍‌ଏଚଏଆଇ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ହେଲେ କୌଣସି ସମାଧାନ ହୋଇ ପାରି ନ ଥିଲା। ପରେ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ପରବର୍ତ୍ତୀ ବୈଠକକୁ ସ୍ଥଗିତ ରଖାଯାଇଥିଲା। ବିକାଶ ମଞ୍ଚ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଟୋଲ ଟିକସ ଛାଡ଼ ନେଇ ଆସନ୍ତା ୨୮ ତାରିଖରେ ଆନ୍ଦୋଳନ କରାଯିବା ନେଇ ପ୍ରଶାସନକୁ ଜଣାଇଥିଲେ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି କଳାହାଣ୍ଡି ଉପଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ପତ୍ରଲେଖି ଆସନ୍ତା ୨୬ ତାରିଖରେ ଆନ୍ଦୋଳନକାରୀଙ୍କ ସହିତ ବୈଠକ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

● ୭ ଲକ୍ଷ ଟଙ୍କାର କପା ହେରଫେର ମାମଲା

# ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ





**କେସିଙ୍ଗା, ୨୪।୬(ସମିସ):** ସାତ ଲକ୍ଷ ଟଙ୍କାର କପା ବୋଝେଇ ଟ୍ରକ ଲୁଟ୍ ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମନିସ କୁମାର ଅଗ୍ରୱାଲ ଓ ଦେବରାଜ ମାଝୀ। ପ୍ରକାଶଥାଉକି କେସିଙ୍ଗା ବ୍ଲକ ଚିଚର୍ଲା ଗ୍ରାମର ସୁଜିତ କୁମାର ସାହୁ ଜଣେ କପା ବେପାରୀ ଓ ସେ କପା କିଣି ଅନ୍ୟତ୍ର ବିକ୍ରୟ କରିଥାନ୍ତି। ଶ୍ରୀ ସାହୁ କପା ମଧ୍ୟପ୍ରଦେଶ ପଠାଇବା ପାଇଁ ଜଗତପୁର ଷ୍ଟେସନ ରୋଡରେ ଥିବା ଏକ ଟ୍ରାନ୍ସପୋର୍ଟ କମ୍ପାନୀ ସହିତ କଥାବାର୍ତ୍ତା କରି ଟ୍ରକ ନମ୍ବର୍ ଏମଏଚ ୩୦ ବିପି-୬୪୭୯ରେ ୯ ଟନ୍ ୯୦୦ କେଜି କପା ଲୋଡ କରି ଡିଜେଲ ଖର୍ଚ୍ଚ ବାବଦକୁ ଡ୍ରାଇଭରକୁ ୧୩ ହଜାର ଟଙ୍କା ଦେଇଥିଲେ। ଫେବୃଆରୀ ୩ ତାରିଖରେ ଓଡ଼ିଶା ଛାଡ଼ିଥିବା ଉକ୍ତ କପା ବୋଝେଇ ଟ୍ରକ ଗନ୍ତବ୍ୟ ସ୍ଥଳରେ ୫ ତାରିଖରେ ପହଞ୍ଚିବାର ଥିଲା। ଉକ୍ତ ଟ୍ରକ ୬ ତାରିଖ ସୁଦ୍ଧା ଗନ୍ତବ୍ୟସ୍ଥଳରେ ନ ପହଞ୍ଚିବାରୁ ଶ୍ରୀ ସାହୁ ଟ୍ରକ ଡ୍ରାଇଭରଙ୍କ ମୋବାଇଲକୁ ଫୋନ କରିବାରେ ତାହା ସୁଇଚ ଅଫ ଦେଖାଇଥିଲା। ଏପରିକି ଟ୍ରାନ୍ସପୋର୍ଟ ମାଲିକ ଅଜୟ ମୁନାଙ୍କ ଚାରଟି ମୋବାଇଲ ନମ୍ବର ମଧ୍ୟ ସୁଇଚ ଅଫ ଦେଖାଇଥିଲା। ଶ୍ରୀ ସାହୁ କପା ବୋଝେଇ ଟ୍ରକର ପତ୍ତା ଲଗାଇ ବିଫଳ ହେବାରେ ସେ ୨୧ ତାରିଖରେ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଗତକାଲି ଅଭିଯୁକ୍ତ ମନିଷଙ୍କୁ ବେଲପଡ଼ାରୁ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଦେବରାଜଙ୍କୁ ରାୟପୁରରୁ ଗିରଫ କରିଛି। ଗିରଫ ଦେବରାଜଙ୍କ ନିଜ ଘର ନର୍ଲା ବ୍ଲକ ଅସୁରଗଡ଼ ଗ୍ରାମରେ ବୋଲି ଜଣାପଡ଼ିଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଫତକାବାହାଲି ଗ୍ରାମବାସୀ ଭୋଗୁଛନ୍ତି ଜଳକଷ୍ଟ

# ପୋଖରୀ ପାଣି ଭରସା; ଚାଲୁଛନ୍ତି ୧ କିମି





**ନର୍ଲା, ୨୪।୬(ସମିସ)**

କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ଗାଡେବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଫତକାବାହାଲି ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରୀଷ୍ମ ଯାଇ ବର୍ଷା ଋତୁର ଆଗମନ ହୋଇଥିଲେ ମଧ୍ୟ ଗ୍ରାମବାସୀ ତୀବ୍ର ଜଳକଷ୍ଟ ଭୋଗୁଛନ୍ତି। ପାଣି ଟୋପାଏ ପାଇଁ ଲୋକମାନେ ୧ କିଲୋମିଟର ଦୂରରେ ଥିବା ପୋଖରୀରୁ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ଉକ୍ତ ଗାଁରେ ୨ଟି ନଳକୂପ ଥିଲେ ହେଁ ଗୋଟିଏ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଛି। ଅନ୍ୟ ନଳକୂପଟି ୬ ମାସ ତଳେ ସ୍ଥାପନ ହୋଇଥିଲେ ହେଁ ତା'ର ପାଣି ଆଦୌ ପାନୀୟ ଉପଯୋଗୀ ନୁହଁ। ପିଇବା ପାଣି ପାଇଁ ଫତକାବାହାଲିର ଏହି ରଜାମୁଣ୍ଡା ପଡ଼ା ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ପଡ଼ାରେ ୨୦ରୁ ଅଧିକ ପରିବାର ବସବାସ କରନ୍ତି। ସେମାନେ ଗୋଟିଏ ନଳକୂପ ଉପରେ ଭରସା କରି ଚଳି ଆସୁଥିଲେ ମଧ୍ୟ ଗତ କିଛି ମାସ ହେଲା ନଳକୂପର ପାଣି ବ୍ୟବହାର ଯୋଗ୍ୟ ନୁହଁ। ସେଥିରୁ ମଇଳା ପାଣି ବାହାରିବା ନେଇ ପଡ଼ାବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ ତା'ର କୌଣସି ପ୍ରତିକାର ହେଉନାହିଁ। ପାଣି ଟୋପାଏ ପାଇଁ ଗାଁର ମହିଳାମାନେ ଗରା, ବାଲଟି ଧରି ୧ କିମି ଦୂର ଏକ ପୋଖରୀକୁ ଯାଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେମାନେ ଆଦୌ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ଦୂର କରିବା ଦିଗରେ ବ୍ଲକ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ବିଦ୍ୟୁତ୍‌କାଟ୍ ଯୋଗୁଁ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ



**କୋମନା, ୨୪।୬(ସମିସ):** ବର୍ତ୍ତମାନ ଅଞ୍ଚଳରେ ଗୁଳୁଗୁଳି ଦ୍ୱିଗୁଣିତ ହେଉଥିବା ବେଳେ ପ୍ରତ୍ୟହ ବିଦ୍ୟୁତ କାଟ୍ ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ବାରମ୍ବାର ବିଦ୍ୟୁ କାଟ୍ ନେଇ ଲୋକେ ନିଜର ଅସନ୍ତୋଷ ଜାହିର କରିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ଅଧିକ ସମୟ ବିଦ୍ୟୁତ କାଟ୍ ହେଉଥିବା ଡୋର୍ଲାମୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଦୀର୍ଘ ତିନି ମାସ ହେବ ସେହି ଗ୍ରାମରେ ଠିକ ଭାବରେ ବିଜୁଳି ରହୁନାହିଁ। ଯାହାଦ୍ୱାରା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଘୋଷିତ ବିଦ୍ୟୁତ କାଟ୍ ହେବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା ଉପୁଜୁଛି। ଏଣୁ ମାଲିମୁଣ୍ଡାଠାରୁ ଡୋର୍ଲାମୁଣ୍ଡାକୁ ବିଦ୍ୟୁତ ସଂଯୋଗ କରିବାକୁ ଶତାଧିକ ପୁରୁଷ ଓ ମହିଳା କାର୍ଯ୍ୟାଳୟ ସମ୍ମୁଖରେ ଦାବି କରିଛନ୍ତି। ଡୋର୍ଲାମୁଣ୍ଡା ଗ୍ରାମର ହେମା ମାଝୀ, ମଦନ ମାଝୀ, ସନ୍ତୋଷ ମାଝୀ, ଜୟଧର ମାଝୀ, ଟଙ୍କ ମାଝୀ, ଲଳିତ ମାଝୀ, ଯମୁନା ମାଝୀ, ମୋହନ ରାଉତ, ଭଜମନ ରାଉତ, ତାରିଣୀ ସିଂ ମାଝୀ, ଶତ୍ରୁଘନ ମାଝୀ, ଜଳନ୍ଧର ମାଝୀ ପ୍ରମୁଖ ସାମିଲ ହୋଇଛନ୍ତି। ଘଟଣା ସମ୍ପର୍କରେ ଜାଣି ବିଜେପି ନେତା ଚନ୍ଦନ ଠାକୁର ଏବଂ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ଓ ବିଭାଗୀୟ କର୍ମକର୍ତ୍ତା ପହଞ୍ଚି ବୁଝାସୁଝା କରିବା ସହ ବିଦ୍ୟୁତ ଠିକ ଭାବରେ ରହିବ ବୋଲ ବିଭାଗ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିବା ଜଣାପଡ଼ିଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଗୋଲାମୁଣ୍ଡା, ୨୪।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ସର୍ଗିଗୁଡା ଗ୍ରାମରେ ଜଣେ ବିବାହିତ ଯୁବକ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ସୂତ୍ରରୁ ଜଣାଯାଏ ଯେ ଗୋଲାମୁଣ୍ଡା ଥାନା ମୁକୁନ୍ଦପୁର ଗ୍ରାମର ରାଷ୍ଟ୍ରକେତୁ ମାଝୀ (୩୮) ସ୍ତ୍ରୀ କ୍ଷୀର ମାଝୀଙ୍କ ସହିତ ନିଜର ଦେହ ଖରାପ ଥିବାରୁ ଡାକ୍ତରଙ୍କୁ ଦେଖାଇବା ପାଇଁ ତାଙ୍କ ଭିଣୋଇ ଘର ସର୍ଗିଗୁଡ଼ାକୁ ଆସିଥିଲେ। ଗତକାଲି ତାଙ୍କୁ ଧର୍ମଗଡ଼ର ଘରୋଇ ଡାକ୍ତଖାନାରେ ଚିକିତ୍ସା କରାଯାଇଥିଲା। ଆଜି ସକାଳେ ରାଷ୍ଟ୍ରକେତୁ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ଘରକୁ ନ ଫେରିବାରୁ ତାଙ୍କୁ ସ୍ତ୍ରୀ ଓ ଭଉଣୀ ବହୁତ ଖୋଜାଖୋଜି କରିବା ପରେ ଗାଁ ପାଖ ଏକ ତେନ୍ତୁଳି ଗଛରେ ରାଷ୍ଟ୍ରକେତୁର ଝୁଲନ୍ତା ମୃତ ଦେହ ଦେଖିବାକୁ ପାଇଥିଲେ। ଏସଂକ୍ରାନ୍ତରେ ପରିବାର ଲୋକେ ଗୋଲାମୁଣ୍ଡା ଥାନାକୁ ଜଣାଇବାରେ ଏଏସଆଇ ହେମନ୍ତ ହରିଜନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ଏସଂକ୍ରାନ୍ତରେ ଥାନା କେସ ନମ୍ବର ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ତାଙ୍କର ସ୍ତ୍ରୀଙ୍କ କହିବାନୁଯାୟୀ କିଛିଦିନ ହେଲା ତାଙ୍କ ସ୍ୱାମୀଙ୍କ ମାନସିକ ସ୍ଥିତି ଠିକ ନଥିଲା।

ବ୍ୟକ୍ତିଗତ ଜମିରେ ବନ ବିଭାଗର ଚାରାରୋପଣ ଘଟଣା

# ୨୯ରେ ସରଜମିନ ତଦନ୍ତ କରିବେ ତହସିଲଦାର



ମରିବୁ ପଛେ ଭିଟାମାଟି ଛାଡିବୁନି: ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି

**ସିନାପାଲି, ୨୪।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଭରୁଆମୁଣ୍ଡା ଗ୍ରାମ ସଂଲଗ୍ନ ଚେରେପାଣି ଜଙ୍ଗଲକୁ ଲାଗି ରହିଥିବା ରାଜସ୍ୱ ବିଭାଗର ବ୍ୟକ୍ତିଗତ ଜମି ଉପରେ ବନ ବିଭାଗ ଚାରାରୋପଣ ଘଟଣାକୁ ନେଇ ସୋମବାର ସିନାପାଲି ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ବିଭାଗ, ବନ ବିଭାଗ ଓ ଦଖଲକାରୀଙ୍କୁ ନେଇ ମିଳିତ ବୈଠକ ହୋଇଯାଇଛି। ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରିନାହିଁ। ଫଳରେ ଆସନ୍ତା ୨୯ ତାରିଖ ଦିନ ତହସିଲଦାର ଉପାଞ୍ଜଳି ମାଝି ପୁଣି ଥରେ ସରଜମିନ ତଦନ୍ତ ପାଇଁ ଯିବାକୁ କହିଛନ୍ତି। ଆଜିର ଏହି ଆଲୋଚନାରେ ସିନାପାଲି ତହସିଲଦାର ଉପାଞ୍ଜଳୀ ମାଝି, ସୁପରଭାଇଜର ଲକ୍ଷ୍ମୀ ନାରାୟଣ ମେହେର, ସିନାପାଲି ରେଞ୍ଜର ଜଗତାନନ୍ଦ ମଙ୍ଗରାଜ, ଭରୁଆମୁଣ୍ଡା ଆରଆଇ ଚୂଡ଼ାମଣି ମାଝି, ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାୟକ, ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନର ସଭାପତି ହନୁରାମ ମାଝି, ଆବାହକ ମେଘନାଦ ଖର୍ସେଲ, ସମ୍ପାଦକ ଚୈତନ୍ୟ ମାଝି, ଲକ୍ଷ୍ମଣ ମାଝି, ରତ୍ନାକର ମାଝି, ମହେନ୍ଦ୍ର ମାଝି ସମେତ ଅନେକ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ତହସିଲଦାର ଘଟଣା ସ୍ଥଳକୁ ଗଲା ପରେ ଜଣାପଡ଼ିବ ବୋଲି କହିବା ସହ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ପ୍ରକାଶଥାଉକି ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ପୀଢ଼ି ପୀଢ଼ି ଧରି ଚାଷ ବାସ କରି ପରିବାର ପ୍ରତିପୋଷଣ କରୁଥିବା ପୈତୃକ ସମ୍ପତ୍ତିକୁ ଛାଡ଼ିବୁ ନାହିଁ। ମାରିଦେଲେ ମରିବୁ ପଛେ ଭିଟାମାଟି ଜମିକୁ ଛାଡ଼ିବୁ ନାହିଁ ବୋଲି ରୋକ୍ ଠୋକ୍ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ପ୍ରକାଶ କରିଛି। ପ୍ରକାଶ ଯୋଗ୍ୟ ଯେ ଉକ୍ତ ଜମିକୁ ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ଭରୁଆମୁଣ୍ଡା ଗ୍ରାମର ପ୍ରାୟ ୧୪ ଜଣ ବ୍ୟକ୍ତି ଭୋଗଦଖଲ କରି ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏପରିକି ଏହି ଜମି ନିକଟରେ ଗ୍ରାମର ୫ ଜଣ ବ୍ୟକ୍ତି ସରକାରଙ୍କ ଜଙ୍ଗଲ ଅଧିକାର ଆଇନ ବଳରେ ପଟ୍ଟା ମଧ୍ୟ ପାଇସାରିଛନ୍ତି। କିଛି ବ୍ୟକ୍ତି ପଟ୍ଟା ପାଇ ନ ଥିବା ବେଳେ ସେମାନେ ଆବେଦନ ଦାବି ଫର୍ମ ଦାଖଲ କରିଛନ୍ତି। ହେଲେ ଏହି ଜାଗା ଉପରେ ବନ ବିଭାଗ ଜୋର ଜବରଦସ୍ତି ଗାତ ଖୋଳି ତାର ବାଡ ଲଗାଇ ଜଙ୍ଗଲ ଅଧିକାର ଆଇନର ଖୋଲା ଉଲ୍ଲଂଘନ କରୁଛି ବୋଲି ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ଖଡିଆଳ ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଘଟଣାର ତଦନ୍ତ ପାଇଁ ଯିବାକୁ କହି ଆସି ନ ଥିଲେ। ପରେ ଭରୁଆମୁଣ୍ଡା ଜଙ୍ଗଲ ଅଧିକାର କମିଟି ଓ ଗ୍ରାମବାସୀ ଓ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ତରଫରୁ ଗତ ୩୧ ତାରିଖରେ ସିନାପାଲି ତହସିଲ ଅଫିସ ଘେରଉ କରାଯିବା ସହ ଧାରଣା ଦେଇଥିଲେ। ଘଟଣାର ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ସଂପୃକ୍ତ ଜାଗାକୁ ଯାଇ ବନ ବିଭାଗ ଓ ତହସିଲ ସୁପରଭାଇଜର ତଦନ୍ତ କରିଥିଲେ। ସେମାନଙ୍କ ତଦନ୍ତ ରିପୋର୍ଟ ପାଇବା ପରେ ଆଜି ତହସିଲ ଅଫିସରେ ବୈଠକ ଡାକି ଆଲୋଚନା ହୋଇଥିଲା। ଜଙ୍ଗଲ ସଂଲଗ୍ନ ଜମି ନିକଟରେ କୌଣସି ତାର ବାଡ ଲଗାଇବାର ନିୟମ ନ ଥିବା ବେଳେ ବନ ବିଭାଗ ଜୋର ଜବରଦସ୍ତି କାର୍ଯ୍ୟ କରିବା ସହ ଚାରା ରୋପଣ ପାଇଁ ଗାତ ଖୋଳିବା ଆରମ୍ଭ କରିଥିଲା। ହେଲେ ଅଞ୍ଚଳରେ ମୌସୁମୀ ବର୍ଷା ଫଳରେ ଉକ୍ତ ଜମି ଉପରେ ହଳ ଲଙ୍ଗଳ୍ ଲଗାଇ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ବନ ବିଭାଗ ସେଠାରେ ଚାରା ରୋପଣ କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଆନ୍ଦୋଳନ କମିଟିର ଆବାହକ ମେଘନାଦ ଖର୍ସେଲ ଜଙ୍ଗଲ ଅଧିକାର ଆଇନର ଖୋଲା ଉଲ୍ଲଂଘନ ହେଉଥିବା ବେଳେ ପଟ୍ଟା ପାଇ ସାରିଥିବା ବ୍ୟକ୍ତିଗତ ଜମିକୁ ବନ ବିଭାଗ ନିଜର ଭାବି ମନମୁଖୀ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି ସେ କହିଛନ୍ତି।

# ତେଲିଗୁଡ଼ା ରାସ୍ତା ପାଲଟିଛି ମରଣଯନ୍ତା

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ଦାବି

**କୋକସରା, ୨୪।୬(ସମିସ)**



କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡା ପଞ୍ଚାୟତର ତେଲିଗୁଡା ଗାଁ ମୁଖ୍ୟ ରାସ୍ତା ଅନେକ ଦିନରୁ ଶୋଚନୀୟ ହୋଇପଡ଼ିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ପକ୍କା ରାସ୍ତା ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାଦେଇ ଲୋକେ ଚଳପ୍ରଚଳ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ତେଲିଗୁଡା ଗାଁଠାରୁ ବିଜୁ ଏକ୍ସପ୍ରେସ ୱେ ପର୍ଯ୍ୟନ୍ତ ପ୍ରାୟ ୨କିମି ଏହି ରାସ୍ତା ପଞ୍ଚାୟତ ଅଧିନରେ ରହିଛି। ପ୍ରତିବର୍ଷ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଏହି ରାସ୍ତାକୁ ମରାମତି କରାଯାଉଛି ହେଲେ ରାସ୍ତା ଅବସ୍ଥାରେ କୌଣସି ସୁଧାର ଆସିପାରୁ ନାହିଁ। ଯାହାଫଳରେ ଲୋକେ ସବୁଦିନିଆ ଭଲ ରାସ୍ତା ଖଣ୍ଡେ ନ ପାଇ ବର୍ଷ ବର୍ଷ ଧରି ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଖରାଦିନେ ଲୋକମାନେ ଯେନତେନ ଭାବରେ ଯିବାଆସିବା କରୁଛନ୍ତି। ହେଲେ ବର୍ଷା ଆସିଲେ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇପଡୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତାଟି କାଦୁଅ ହୋଇଯାଉଥିବାରୁ ସାଇକଲରେ ଯିବା ଦୂରର କଥା ଚାଲିକରି ଯିବା ମଧ୍ୟ କଷ୍ଟଦାୟକ। ରାସ୍ତା ଦୁରବସ୍ଥା ଯୋଗୁ ଅନେକ ଲୋକ ଯିବା ଆସିବା ବେଳେ ଖସିପଡ଼ି ଖଣ୍ଡିଆଖାବରା ହେବାର ଅନେକ ନଜିର ରହିଛି। ଗତ କିଛିଦିନ ଆଗରୁ ଏହି ରାସ୍ତାରେ ମେଟାଲ ଓ ମୋରମ ପକାଇ କାମ କରାଯାଇଛି। ହେଲେ ଠିକାଦାର ପୋଷା ନିତିରେ ହୋଇଥିବାରୁ ତାହା ବର୍ଷା ହେଲେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ କରି ଦେଉଛି। ପ୍ରତିବର୍ଷ କୌଣସି ନାଁ କୌଣସି ଯୋଜନାରେ ଉକ୍ତ ରାସ୍ତାକୁ ମରାମତି କରାଯାଉଛି ହେଲେ ରାସ୍ତା ଅବସ୍ଥାରେ କୌଣସି ସୁଧାର ଆସୁନାହିଁ। ଉକ୍ତ ରାସ୍ତାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ନେତା ଓ ପ୍ରଶାସନକୁ ଜଣାଇ ଆସୁଥିଲେ ସୁଦ୍ଧା କାହାରି ଦୃଷ୍ଟି ପଡୁନାହିଁ। ଯାହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ସାମିଲ କରିବା ପାଇଁ ଗୋବର୍ଦ୍ଧନ ପୂଝାରୀ, ଋତୁରାଜ ରାଉତ, ଦେବେଶ୍ୱର ଦଣ୍ଡସେନା, ଯୁଗେଶ୍ୱର ପୂଝାରୀ ଓ ସେତୁବନ୍ଧ ଧଙ୍ଗଡ଼ାମାଝୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

● ଜମି-ଜଙ୍ଗଲ ମୁକ୍ତି ଆନ୍ଦୋଳନର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଲୋକଙ୍କ ଅଧିକାର ପାଇଁ ଲଢ଼ିବି: ବିଧାୟକ

**ସିନାପାଲି, ୨୪।୬(ସମିସ):** ଅଞ୍ଚଳର ସାମୂହିକ ସ୍ୱାର୍ଥ ପାଇଁ ଲଢେଇ କରି ଖଡିଆଳ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସଂକଳ୍ପବଦ୍ଧ ବୋଲି ବିଧାୟକ ଅଧିରାଜ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ଡୁମେରବାହାଲ ଗାଁରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟିର ସିନାପାଲି, ବୋଡେନ ଓ ଖଡିଆଳ ବ୍ଲକର ନେତୃମଣ୍ଡଳୀକୁ ନେଇ ଅନୁଷ୍ଠିତ ବୈଠକରେ ଯୋଗଦେଇ ଖଡ଼ିଆଳ ବିଧାୟକ ଶ୍ରୀ ପାଣିଗ୍ରାହୀ ଲୋକଙ୍କ ହକ୍ ପାଇଁ ଲଢ଼ିବି ବୋଲି କହିଛନ୍ତି। ଲୋକଙ୍କ ସାଙ୍ଗରେ ଅଛି ଓ ଆଗକୁ ବି ରହି ସେବା କରିବି ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ବୈଠକରେ ଜଙ୍ଗଲ ଅଧିକାର ଆଇନର ସମସ୍ତ ବିଷୟ ଉପରେ ଆଲୋଚନା କରାଯାଇଥିବା ବେଳେ ଆଇନରେ ଥିବା ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର, ଗୋଷ୍ଠୀଗତ ଅଧିକାର ଓ ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିବା ଆଦିବାସୀଙ୍କ ସମେତ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ କିଭଳି ଜମି ଅଧିକାର ମିଳିବ ତା'ପାଇଁ ଲଢିବାର ରୋଡ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ପାଇଁ ବୈଠକରେ ବିଶେଷ ଆଲୋଚନା କରାଯାଇଛି। ଉପସ୍ଥିତ ପାରମ୍ପରିକ ଆଦିବାସୀ ତଥା ଅନ୍ୟାନ୍ୟ ବର୍ଗର ଲୋକେ ଏହାକୁ କାର୍ଯ୍ୟକାରୀ କରିବା



ସେହିପରି ଆନ୍ଦୋଳନ କମିଟିରେ ଜଡ଼ିତ ଜଙ୍ଗଲ ଅଞ୍ଚଳର ଲୋକେ ବିଭିନ୍ନ ମଞ୍ଜି ସଂଗ୍ରହକରି ନିଜ ନିଜ ଜଙ୍ଗଲମାନଙ୍କରେ ଚାରାରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ଜଙ୍ଗଲର ସୁରକ୍ଷା କରି ସବୁଜ ସୁନ୍ଦର ବନାନୀ ପରିବେଶ ତିଆରି କରିବା ଦିଗରେ ସମସ୍ତେ ସଚେତନ ହେବା ପାଇଁ ଆଗେଇ ଆସିବାକୁ ମତ ପ୍ରକାଶ ପାଇଛି। ସିନାପାଲି ବ୍ଲକ ସରପଞ୍ଚ ସଙ୍ଘ ସଭାପତି ଖୁଟୁରାମ ସୁନାନୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଧାୟକଙ୍କ ଡୁମେରବାହାଲ ଗସ୍ତ ଅବସରରେ ଗ୍ରାମବାସୀ ତାଙ୍କୁ ବାଜା ବଜାଇ ଫୁଲମାଳ ଦେଇ ସ୍ୱାଗତ କରିଥିଲେ।

### ଲକ୍ଷ୍ମୀ ବସ୍‌ଷ୍ଟପ କାମ ନିମ୍ନମାନର

# ବିନା ସୂଚନାଫଳକରେ ଚାଲିଥିବା କାମ ବନ୍ଦ କଲେ ସ୍ୱେଚ୍ଛାସେବୀ



**କେନ୍ଦ୍ରାପଡ଼ା,୨୪।୬(ସମିସ):** ତରାସ ଲକ୍ଷ୍ମୀ ବସଷ୍ଟପ ନିର୍ମାଣରେ ବେଶ ଅନିୟମିତତା ଏବଂ ନିମ୍ନମାନର କାମ ହେଉଥିବା ଅଭିଯୋଗ ଆଣି ଆଜି ସ୍ଥାନୀୟ ସ୍ୱେଚ୍ଛାସେବୀ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ ଦେଇ କାମ ବନ୍ଦ କରିଛନ୍ତି । ପ୍ରକାଶ ଥାଉକି ତରାସ ଗାଁ ରେ ଲକ୍ଷ୍ମୀ ବସ ଷ୍ଟପ ନିର୍ମାଣାଧୀନ ଥିବା ବେଳେ ଏହି କାମକୁ କିଏ କେତେ ଟଙ୍କାରେ କରୁଛି, ତାହାକୁ ସାର୍ବଜନୀନ କରା ନଯାଇ ବ୍ଲକର ଜଣେ ଜେଇଙ୍କ ନାମରେ କାର୍ଯ୍ୟାଦେଶ ଥାଇ ସ୍ଥାନୀୟ ଲୋକ କରୁଥିବା ବେଳେ ଏଥିରେ ବହୁ ନିମ୍ନ ମାନର ସାମଗ୍ରୀ ବ୍ୟବହାର କରାଯିବା ସହ କାମରେ ମୂଳ ଡିଜାଇନ ବଦଳା ଯାଇ ମନମୁଖୀ କାମ କରାଯାଉଛି ।ଏଭଳି ନିମ୍ନ ମାନର କାମ ହେଉଥିବା ସମ୍ପର୍କରେ ସମ୍ପୃକ୍ତ ଜେଇଙ୍କୁ ସ୍ଥାନୀୟ ଲୋକେ ପଚାରିବାରୁ ମୁଁ ଏଷ୍ଟିମେଟ ଦେଇ ପାରିବି ନାହିଁ ,ଏହା ପାଇବାକୁ ଆର୍‌ଟିଆଇ ରେ ଆବେଦନ କର ବୋଲି କହିଥିଲେ । ଏଥିରେ ସନ୍ତୁଷ୍ଟ ନଥିବା ସ୍ୱେଚ୍ଛାସେବୀ ମାନେ ରାଜକନିକା ବିଡିଓଙ୍କୁ ଭେଟି ଜଣାଇଥିଲେ । ବିଡ଼ିଓ ଏ ଘଟଣା ଜାଣିବା ପରେ ପ୍ରକୃତ ଏଷ୍ଟିମେଟ କଣ ରହିଛି ଏବଂ କିଭଳି କାମ ହେଉଛି ଜାଣିବାକୁ ସରଜମିନ ତଦନ୍ତରେ ଯିବେ ବୋଲି କହିଛନ୍ତି ।ତେବେ ଏଠାରେ ପ୍ରଶ୍ନ ଉଠୁଛି ସରକାରୀ ଯୋଜନାର କାମକୁ ସ୍ଥାନୀୟ ଠିକାଦାରମାନଙ୍କୁ ଦେଇ ବ୍ଲକର ଜେଇମାନେ ବହୁ ଦୁର୍ନୀତି ଓ ନିମ୍ନମାନର କାମକୁ ପରୋକ୍ଷରେ ଉତ୍ସାହିତ କରୁଥିବା ବେଳେ କିଭଳି ବ୍ଲକ ପ୍ରଶାସନ ଏ ସବୁ କାମକୁ ସ୍ୱୀକୃତି ଦେଉଛି ତାର ଖୋଳତାଡ଼ କରି ତମାମ ରାଜକନିକା ବ୍ଲକରେ ନିର୍ମାଣ ହେଉଥିବା ଲକ୍ଷ୍ମୀ ବସ ଷ୍ଟପ ସମ୍ପର୍କରେ ସ୍ୱତନ୍ତ୍ର ତଦନ୍ତକଲେ ବହୁ ତଥ୍ୟ ଲୋକ ଲୋଚନକୁ ଆସିବ ବୋଲି ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ତରାସ ଗାଁ ରେ ନିର୍ମାଣ ଧୀନ ଥିବା ଏକ ବସ ଷ୍ଟପ କାମରେ ନିର୍ବାଚନ ଚାଲିଥିବା ବେଳେ ଏହାର ଛାତ ପଡିବା, ଛାତରେ ଅତ୍ୟନ୍ତ ନିମ୍ନମାନର ଗୋଡି, ବାଲି, ରଡ଼ ଓ ସିମେଣ୍ଟ ବ୍ୟବହାର କରାଯାଇଛି ।ପୁନଶ୍ଚ ବାକି ଥିବା କାମ ଏବେ କରାଯାଉଥିବା ବେଳେ ଏଥିରେ ନିମ୍ନମାନର ସିମେଣ୍ଟ ବ୍ୟବହାରକୁ ନେଇ ଗତକାଲି ସମ୍ପୃକ୍ତ ଜେଇଙ୍କୁ ଅଭିଯୋଗ ହେବା ପରେ ସେ ଆସି ସିମେଣ୍ଟ ପରିବର୍ତ୍ତନ କରିଛନ୍ତି । ତେବେ ଏହି ସବୁ ସରକାରୀ କାମ କରାଯାଉଥିବା ବେଳେ ଏହାର ସୂଚନା ଫଳକ ନଥିବା ଏବଂ ଏହି କାମପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ ସାଧାରଣରେ କୌଣସି ସୂଚନା ନା ଥିବାରୁ ଏହାକୁ ନେଇ ଅସନ୍ତୋଷ ବଢ଼ିଛି ।

## ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ

**କୁଜଙ୍ଗ,୨୪।୬(ସମିସ):** କୁଜଙ୍ଗ ବ୍ଲକ ମହ୍ଲାସାହିସ୍ଥ ଜଗନ୍ନାଥଜୀଉ ମଠ ପରିସରରେ ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି । ଭୋରୁ ପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି ସହ ପହଣ୍ଡି ଆରମ୍ଭ କରାଯାଇଥିଲା । ମଠ ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ତଥା ଆବାହକ ବଲ୍ଲଭ ଚରଣ ପାଣିଙ୍କ ନେତୃତ୍ୱରେ ଇଂ ବ୍ରଜବନ୍ଧୁ ଖଟେଇ, କିଶୋର ଶତପଥୀ, ରମେଶ ଦାସ, ପ୍ରଦୀପ୍ତ ରାଉତ, କିଶୋର କୃତ୍ତିବାସ କର, ବିଶ୍ୱନାଥ ପାଣିଙ୍କ ସହ ମହ୍ଲାସାହି ଓ ଗୌରପଡ଼ାର ତ୍ରିବେଶ ପାଣି, ଜ୍ୟୋତିର୍ମୟ ଦାଶ, ପ୍ରସନ୍ନ ପଣ୍ଡା, କୁଳମଣି ସାମନ୍ତରାୟ, ଦିବାକାର ରାଉତ, ଦିଲ୍ଲୀପ ପାଣି ପ୍ରମୁଖ ସହଯୋଗ କରିଥିଲେ। ପୂଜକ ମନୋରଞ୍ଜନ ପଣ୍ଡା ଓ ବିଭୂ ପ୍ରସାଦ ନନ୍ଦଙ୍କ ମନ୍ତ୍ର ଉଚ୍ଚାରଣରେ ଠାକୁରଙ୍କୁ ୧୦୮ ସୁବାସିତ କଳସ ଜଳରେ ସ୍ନାନ କରାଯିବା ପରେ ଗଜାନନ ବେଶ କରାଯାଇଥିଲା। ସେହିପରି ପଥୁରିଆ ମନବିହାରୀ ପୀଠରେ ଅନୁରୂପ ଭାବେ ସ୍ନାନ ପୂର୍ଣ୍ଣିମା ଓ ଅନ୍ୟାନ୍ୟ ନୀତିକାନ୍ତି ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ପଙ୍କପାଳର ପ୍ରାକ୍ତନ ସରପଞ୍ଚ ଶରତ ଚନ୍ଦ୍ର ମହାପାତ୍ର, ଅନନ୍ତ ଚରଣ ଦାଶ, ସରୋଜ ମହାନ୍ତି, ପଦ୍ମନାଭ ଶତପଥୀ, ବିଜୟ ରାୟଙ୍କ ସହ ଗ୍ରାମର ମୁରବୀ ଶିକ୍ଷାବିତ୍ ଅଜୟ ସାମନ୍ତରାୟ, ରମେଶ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ସାହୁ ଓ ପୂଜକ ବିଶ୍ୱନାଥ ପଣ୍ଡାଙ୍କ ସହ ବହୁ ପୂଜକ ଓ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

## ପଙ୍କପାଳରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**କୁଜଙ୍ଗ,୨୪।୬(ସମିସ):** ଆଜି କୁଜଙ୍ଗ ବ୍ଲକର ଅଗପାଳ ଓ ପଙ୍କପାଳ ପଞ୍ଚାୟତକୁ ଗସ୍ତ କରିଛନ୍ତି ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏହି ଅବସରରେ ପଙ୍କପାଳ ସ୍ଥିତ ବିକେ ଚୌଧୁରୀ ମେମୋରିଆଲ୍ ସ୍କୁଲ ପରିସରରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ରଙ୍କ ପୌରହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଚୌଧୁରୀ ସମ୍ପଦଙ୍କ ଦୀର୍ଘ ୭ ବର୍ଷର ରାଜନୈତିକ ତଥା ସାମାଜିକ ଜୀବନ ସହ ପଙ୍କପାଳ ଓ ଏହି ବିଦ୍ୟାଳୟ କିପରି ଜଡିତ ଥିଲା କହିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ମନ୍ତ୍ରୀ ଅଞ୍ଚଳବାସୀଙ୍କ ସମେତ ପାରାଦୀପବାସୀଙ୍କୁ କୃତଜ୍ଞତା ଜଣାଇବା ସହ ପୁରୁଣା ଦିନର ସ୍ମୃତିକୁ ତାଜା କରିଥିଲେ। ଏହି ଅବସରରେ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଦେଶର ଅଖଣ୍ଡତା ତଥା ବିକାଶ ପାଇଁ ସର୍ବିଙ୍କ ସହଯୋଗ କାମନା କରିଥିଲେ। ମଦନ ମୋହନ ଷଡଙ୍ଗୀ ସଭା ସଂଯୋଜନା କରିଥିବାବେଳେ ଦିଲୀପ କୁମାର ବେହେରା, ପ୍ରଦୀପ୍ତ ମହାପାତ୍ର, ବିଦ୍ୟାଳୟ ଶିକ୍ଷା କମିଟିର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ଏହି ଅବସରରେ ପାଇକସ୍ତା, ପହଣା, ବଣିକୁନ୍ଦ, ପଙ୍କପାଳ, ଜନାପାଳ ଓ ପଟୁସାହୀରେ ଅନୁରୂପ ଭାବେ ସମ୍ବର୍ଦ୍ଧନା ଓ କୃତଜ୍ଞତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନାପାଳ ଠାରେ ଶିକ୍ଷାବିତ ବଟକୃଷ୍ଣ ପ୍ରଧାନ ଓ ବିଜୟ କୁମାର ଦାସଙ୍କ ପୌରହିତ୍ୟରେ ସମ୍ବର୍ଦ୍ଧନା ସଭା ହୋଇଥିଲା।

## ପଙ୍କପାଳ ସତ୍ୟସାଇ ଜ୍ଞାନବିକାଶ ସ୍କୁଲରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ



**କୁଜଙ୍ଗ,୨୪।୬(ସମିସ):** ପଙ୍କପାଳସ୍ଥ ଶ୍ରୀସତ୍ୟସାଇ ଜ୍ଞାନବିକାଶ ସ୍କୁଲରେ ବିଶ୍ୱ ରେନ୍‌ଫରେଷ୍ଟ ଦିବସ ପାଳନ ସହ ବହୁବିଧ ପରିବେଶଭିତ୍ତିକ ଓ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ବିଶ୍ୱ ତାପନ, ଦ୍ରୁତ ଜଳବାୟୁ ଓ ପରିବେଶ ପ୍ରଦୂଷଣ, ଭୂସ୍ଖଳନ, ପ୍ଲାଷ୍ଟିକ୍ ସହ ସମୁଦ୍ର ଜଳ ପ୍ରଦୂଷଣକୁ ନେଇ ଆଲୋଚନାଚକ୍ର, ତର୍କ ପ୍ରତିଯୋଗିତା, ଛଦ୍ମବେଶ ସହ ଚାରାରୋପଣ, ନିକଟସ୍ଥ ନର୍ସରୀ ପରିଦର୍ଶନ, ଏକକ ଅଭିନୟ, ଚିତ୍ର ପ୍ରଦର୍ଶନୀ ସହ ନାଟକ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏହି ଦିବସକୁ ନେଇ ଅନୁଚିନ୍ତା କହିବା ସହ ପରିବେଶ ସୁରକ୍ଷାକୁ ଛାତ୍ର ଜୀବନର ଏକ ବ୍ରତରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ତଥା ସାମାଜିକ କର୍ମୀ ସ୍ନେହମୟୀ ଆଚାର୍ଯ୍ୟ, ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରବୋଧ କୁମାର ପରିଜା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରି କେବଳ ଭୌତିକ ଶିକ୍ଷା, ଅଧିକ ନମ୍ବର ଓ ବୃତ୍ତିଗତ ସଫଳତା ସତ୍ୟସାଇ ଜ୍ଞାନବିକାଶର ଏକମାତ୍ର ଲକ୍ଷ୍ୟ ନୁହେଁ, ବରଂ ପିଲାମାନଙ୍କ ନୈତିକ ବିକାଶ, ପରିବେଶ ପ୍ରତି ସମ୍ବେଦନଶୀଳ ହେବା, ଏହାର ସୁରକ୍ଷା ପାଇଁ ଛାତ୍ର ଜୀବନରୁ ନିଜକୁ ଗଢିତୋଳିବା ସହ ନିଜ ଘର ଓ ବିଦ୍ୟାଳୟକୁ ସବୁଜ ସୁନ୍ଦର କରିବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ କହିଥିଲେ। ବିଦ୍ୟାଳୟର ବରିଷ୍ଠ ଗୁରୁମା ଲିଲିମା ମହାପାତ୍ର, ପ୍ରାଣକୃଷ୍ଣ ଜେନାଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏହି ପରିବେଶଭିତ୍ତିକ କାର୍ଯ୍ୟକ୍ରମକୁ ପ୍ରଭାବୀ ତଥା ସରସ ସୁନ୍ଦର ପାଇଁ ସହଯୋଗ କରିଥିଲେ।

### ■ ସରକାରୀ ମଦ ଦୋକାନ କଡ଼ରେ ବାର

# ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଦୋକାନ ଖୋଲା

**ରାସ୍ତା କଡ଼ରେ ବସି ମଦ ପିଇବାକୁ ପଛାଉନାହାନ୍ତି**

**ପାରାଦୀପ,୨୪।୬ (ସମିସ):** ସରକାରୀ ମଦ ଦୋକାନ ନିକଟରେ ଚାଲିଛି ଖୋଲା ବାର।ଖୁଲମ ଖୁଲା ଦିନ ଠାରୁ ରାତି ପର୍ଯ୍ୟନ୍ତ ଖୋଲା ବାର ଚାଲୁଥିବା ବେଳେ ଏ ସମ୍ପର୍କରେ ପୁଲିସ ପ୍ରଶାସନ ଜାଣି ପାରୁନି କେମିତି, ତାକୁ ନେଇ ପ୍ରଶ୍ନ ଉଠିଛି ।ସରକାରଙ୍କ ପକ୍ଷରୁ ଠିପି ବନ୍ଦ ସରକାରୀ ମଦ ଦୋକାନ ଖୋଲାଯାଇଛି । ହେଲେ ଏହି ସରକାରୀ ମଦ ଦୋକାନ ପାଖରେ ଦିନକୁ ଦିନ ଲୁଚା ଛପାରେ ଚାଲିଛି । ବହୁ ଖୋଲା ବାର ବା ଚାଖଣା ଦୋକାନ ।ଯେଉଁଆଡ଼େ ଚାହିଁବ ସେପଟେ ଚାଖଣା ଦୋକାନ ।ମଦ ପିଉଥିବା ଲୋକଙ୍କୁ ଆପାୟିତ କରିବା ପାଇଁ ବିଭିନ୍ନ ଭେରାଇଟିର ତେଲ ଭାଜି ଜିନିଷ ସାଙ୍ଗକୁ କୁକୁଡ଼ା ମାଂସ ରେ ସ୍ୱାଦିଷ୍ଟ ଆଇଟମ ଯୋଗାଇ ଦିଆଯିବା ସହିତ ଚେୟାରପକାଇ ଦିଆଯାଉଛି ।ତା ସାଙ୍ଗକୁ ପାଣି ବୋତଲ, ଗ୍ଲାସ, ଥଣ୍ଡା ଓ ପାଉଚ ପାଣି ଆଦି ସବୁ ପାନ ଦୋକାନରେ ସହଜରେ ମିଳି ପାରୁଛି ।ଲୋକମାନେ ଠିପି ବନ୍ଦ ମଦ ଦୋକାନରୁ ମଦ କିଣିଆଣି ଖୋଲା ବାର ତଳେ ବସୁଛନ୍ତି, ଆଉ କେତେକ ଲୋକ ଚାଖଣା ନେଇ ରାସ୍ତା କଡ, ବରଗଛ ମୂଳେ ବସି ଖୁଲମ ଖୁଲା ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି ।ଏଭଳି ଦୃଶ୍ୟ ବିଶେଷକରି ପାରାଦୀପ ବଡପଡ଼ିଆ, ଅଠରବାଙ୍କୀ, ଦୋଛକି, ଜିରୋପଏଣ୍ଟ, ପାରାଦୀପଗଡ, ନେହୁରବଙ୍ଗଳା ଓ ଷଣ୍ଢକୁଦ ଅଞ୍ଚଳରେ ଦେଖିବାକୁ ମିଳୁଛି ।ନିୟମ ଅନୁଯାୟୀ ଏହି ଠିପି ଖୋଲା ମଦ ଦୋକାନରୁ ଗ୍ରାହକ ମଦ କିଣି ନେଇ ପାରିବେ ।ହେଲେ ଏହାର ନିକଟରେ ଖୋଲା ବାର ତଳେ ବସି ମଦପାନ କରି ପାରିବେ ନାହିଁ ।କିନ୍ତୁ ବଡ ଆଶ୍ଚର୍ଯ୍ୟର କଥା ସବୁ ସରକାରୀ ମଦ ଦୋକାନ କଡରେ ଛତୁ ଫୁଟିଲାଭଳି ଖୋଲା ବାର ବା ଚାଖଣା ଦୋକାନ ଖୋଲି ଗଲାଣି ।ପାରାଦୀପରେ ମଦପାନ ଏତେ ବଢି ଗଲାଣି ଯେ ଚାରି କାନ୍ଥ ମଧ୍ୟରେ ନ ବସି ଖୋଲା ଆକାଶ ତଳେ ମଦ ବୋତଲ ଧରି ପିଇବା ସାଧାରଣ ଲୋକଙ୍କୁ ଅତିଷ୍ଠ କରି ପକାଇଛି ।ଯାହାକୁ ଦେଖି ସେହି ରାସ୍ତାଦେଇ ଯାଉଥିବା ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ମହିଳା ମାନେ ନିଜକୁ ଅସୁରକ୍ଷିତ ମନେ କଲେଣି ।ଏଭଳି ଦୃଶ୍ୟ ପୁଲିସ ଓ ଅବକାରୀ ବିଭାଗ ନଜରରେ କିଭଳି ପଡୁନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି ।ପାରାଦୀପ ରେ ପାଞ୍ଚଟି ଥାନା ସାଙ୍ଗକୁ ଅବକାରୀ ବିଭାଗ ମଧ୍ୟ ରହିଛି ।ଉଭୟ ବିଭାଗର ଅଧିକାରୀମାନେଏହି ରାସ୍ତାରେ ଚଳ ପ୍ରଚଳ ହେଉଛନ୍ତି, ହେଲେ କିଛି ନ ଦେଖିଲା ପରି ଯାଉଥିବା ସାଧାରଣରେ ଆଲୋଚନା ହେଉଛି ।ପୁଣି ମଦ ଦୋକାନୀ ପୁଲିସ ଓ ଅବକାରୀ ବିଭାଗକୁ ମୋଟା ଅଙ୍କର ମାସିକିଆ ଚାନ୍ଦା ଦେଇ ମୁହଁ ବନ୍ଦ କରି ରଖିଥିବା କଥା ମଧ୍ୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି ।ଏ ତ ଗଲା ଠିପି ବନ୍ଦ ସରକାରୀ ମଦ ଦୋକାନ କଥା ।ତା ସହିତ ଆଉ ଏକ ଦୃଶ୍ୟ ପାରାଦୀପ ଅଞ୍ଚଳରେ ଅଧିକ ଦେଖିବାକୁ ମିଳୁଛି ।ତା ହେଲା ବେସରକାରୀ ବା ବିନା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ । ପାନ ଦୋକାନ ଠାରୁ ବଳି ଯାଇଛି ଏହି ଚୋରା ମଦ ଦୋକାନ ।ବିଳମ୍ବିତ ରାତି ପର୍ଯ୍ୟନ୍ତ ଅର୍ଥାତ ରାତି ୧୧ ଟା ରେ ମଧ୍ୟ ମଦ ଦୋକାନ ଖୋଲା ରହିବା ସହିତ ମଦ ମିଳୁଛି ।ତେବେ ନୂତନ ସରକାରଆସିବା ପରେ ମଦ ବନ୍ଦ ହେବା ନେଇ ଦେଇଥିବା ପ୍ରତିଶ୍ରୁତି କେବେ କାର୍ଯ୍ୟକାରୀ ହେବ, ଏଭଳି ଖୁଲମ ଖୁଲା ମଦ ପିଇବାରୁ ଲୋକେ କେବେ ସୁଧାର ହେବେ ତାକୁ ଦେଖିବାକୁ ବାକି ରହିଲା ।

## ଅଧାପନ୍ତରିଆ ଜିମ୍ କାର୍ଯ୍ୟକ୍ଷମ କରିବାକୁ ଦାବି





**ପାରାଦୀପ,୨୪।୬(ସମିସ):** ପାରାଦୀପ ସହର ମଧ୍ୟସ୍ଥ ବଣିକ ସଂଘ ପରିସରରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବିଜେଡି ସରକାରଙ୍କ ପକ୍ଷରୁ କରାଯାଇଥିବା ଜିମ୍ ଏବେ ଅଧାପନ୍ତରିଆ ହୋଇ ପଡ଼ିରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଥିବା ଏହି ଜିମ୍ ଉକ୍ତ ସ୍ଥାନରେ ହେବା ନେଇ ନିଶ୍ଚିତ ହେବା ପରେ ଦୀର୍ଘ ଦୁଇ ମାସ ପାଖାପାଖି ହେବ କିଛି ଜିମ ସାମଗ୍ରୀ ଲାଗିଥିବାବେଳେ ଆଉ କିଛି ଜିନିଷ ଲାଗିପାରିନାହିଁ। ଏ ନେଇ ୧୫ ନମ୍ବର ୱାର୍ଡ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଜେଡି ସରକାରଙ୍କ ଅନୁଦାନରୁ ଆସିଥିବା ଏହି ଜିମ୍ ସରକାର ବଦଳିବା ପରେ ହେବା ନ ହେବା ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଥିବାବେଳେ ନିର୍ବାଚନ ଯୋଗୁଁ ବିଳମ୍ବ ହୋଇଥିବା ଓ ଖୁବଶୀଘ୍ର ଏହା ଆରମ୍ଭ କରାଯିବ ନେଇ ଗୋଲେଖ ଚନ୍ଦ୍ର ସାହୁ କହିଛନ୍ତି।

## ବରିଷ୍ଠ ନାଗରିକ ସଂଘର ବୈଠକ



**ବାଲିକୁଦା,୨୪।୬(ସମିସ):** ବାଲିକୁଦା ବ୍ଲକର ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ନାଗରିକ ସଂଘର ୧୪ତମ ବୈଠକ ବାଲିକୁଦା ଥାନା ପରିସରରେ ସଂଘର ସଭାପତି ଶରତ କିଶୋର କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଚାରାରୋପଣ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂଘରେ ନୂତନ ସଦସ୍ୟ ଭାବେ ପଞ୍ଜୀକୃତ କରିଥିବା ନଟବର ଶତପଥୀ, ବିପିନ ବିହାରୀ ସ୍ୱାଇଁ, ବାବାଜୀ ଭୋଇ, ନାରାୟଣ ମଲ୍ଲିକ, ରୁକ୍ମିଣୀ ସାହାଣୀ, ଶିବ ଚରଣ ଜେନା, ବାସୁଦେବ ମଲ୍ଲିକ, ସୁଦର୍ଶନ ବାରିକ, ମଙ୍ଗୁଳି ରାଉତ, ଧର୍ମାନନ୍ଦ ନାୟକ, କବିତା ଭୋଇ, କୈଳାସ ଭୋଇ, ସୁରେନ୍ଦ୍ର କୁମାର ବାରିକ ପ୍ରମୁଖଙ୍କୁ ଥାନା ଅଧିକାରୀ ଶ୍ରୀ ରାଉତ ପରିଚୟପତ୍ର ଓ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରିଥିଲେ। ବୈଠକରେ ସଂଘର ସମ୍ପାଦକ ନଗେନ୍ଦ୍ର ନାଥ ପରିଡା, ଗୁଣନିଧି ଦାସ, ପ୍ରଫୁଲ୍ଲ ଦାସ, ସଦାଶିବ ଷଡଙ୍ଗୀ, ପ୍ରଫୁଲ୍ଲ ଚୌଧୁରୀ, ଗୁଣନିଧି ମଣ୍ଡଳ, ପ୍ୟାରୁ ଖାଁ, ଅବଦୁଲ ସତାର ଅଲ୍ଲୀ, ବିପିନ ବିହାରୀ ରାଉତ, କାଙ୍ଗାଳୀ ଚରଣ ବିଶ୍ୱାଳ, ଟଙ୍କଧର ମହାନ୍ତି, ସରସ୍ୱତୀ ମହାପାତ୍ର, ଗଙ୍ଗାଧର ପରିଡା, ସବିତାରାଣୀ ପାତ୍ର, ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ



**ତିର୍ତ୍ତୋଲ,୨୪।୬(ସମିସ):** ତିର୍ତ୍ତୋଲସ୍ଥିତ ମଣିଚରଣ ଶାରଳା ଏକାଡେମୀ ୧୯୭୮ ମାଟ୍ରିକ ବ୍ୟାଚ ପ୍ରାକ୍ତନ ବିଦ୍ୟାର୍ଥୀଙ୍କ ଏକ ବନ୍ଧୁମିଳନ ସ୍ଥାନୀୟ ବୀଣାପାଣି ମଣ୍ଡପଠାରେ ପ୍ରାକ୍ତନ ଛାତ୍ର ତଥା ଅବସରପ୍ରାପ୍ତ ସରକାରୀ ଅଧିକାରୀ ହିମାଂଶୁ ଶେଖର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନରେଶ ମହାପାତ୍ର, ବିଭୂତି ଭୂଷଣ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ଚିତ୍ତରଞ୍ଜନ ମହାପାତ୍ର, ବିକାଶ ପରିଜା, ସୁଶାନ୍ତ ଚରଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ତତ୍କାଳୀନ ଶିକ୍ଷାଗୁରୁ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ବିପିନ ସାହୁ ଓ ସୁବାସ ସ୍ୱାଇଁଙ୍କ ସହ ପ୍ରାକ୍ତନ ବିଦ୍ୟାର୍ଥୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଓ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଏଥିରେ ହିମାଂଶୁ ବିଶ୍ୱାଳ, ପ୍ରଶାନ୍ତ ମହାନ୍ତି, ପ୍ରଶନ୍ନ ଦାସ, ତ୍ରୈଲକ୍ୟନାଥ ବିଶ୍ୱାଳ, ଅଜୟ ସାହାଣୀ, ରବୀନାରାୟଣ ପଣ୍ଡା, ପ୍ରବୋଧ ପରିଜା, ନିମାଇଁ ମିଶ୍ର, ପ୍ରଦୀପ୍ତ ନାଥ, ପ୍ରାକ୍ତନ ବିଡିଓ ଧରଣୀଧର ବେହେରା, ବୀରବର ମହାନ୍ତି, ପ୍ରକାଶ ମହାପାତ୍ର, ଉପେନ୍ଦ୍ର ସାହାଣୀ, ଜୟନ୍ତ ସିଂ, ଆଦିତ୍ୟନାଥ ଶର୍ମାଙ୍କ ସମେତ ବହୁ ପ୍ରାକ୍ତନ ଛାତ୍ର ଯୋଗଦେଇଥିଲେ।

## ବିଧାୟକଙ୍କ ବ୍ଲକ୍ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ



**ଡେରାବିଶ,୨୪।୬ (ସମିସ):** ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରସରରେ ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଜି ପୂର୍ବାହ୍ନରେ ଶ୍ରୀ ମହାପାତ୍ରଙ୍କୁ ଶହଶହ ଦଳୀୟ କର୍ମୀ ବ୍ଲକ କାର୍ଯ୍ୟାଳୟ ପରିସରକୁ ପାଛୋଟି ନେଇଥିଲେ। ପରେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରି ନବନିର୍ବାଚିତ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ପରେ ବ୍ଲକ ସଭାକକ୍ଷରେ ଶ୍ରୀ ମହାପାତ୍ର ଡେରାବିଶ ବିଡ଼ିଓ ଦାଶରଥି ଜେନାଙ୍କ ସମେତ ବ୍ଲକର ସମସ୍ତ ବିଭାଗର କର୍ମଚାରୀମାନଙ୍କ ସହିତ ରୁଦ୍ଧଦ୍ୱାର ବୈଠକ କରିଥିଲେ। ତେବେ ଏହି ବୈଠକରେ ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଓ ହେବାକୁଥିବା ବିଭିନ୍ନ ଜନହିତକର କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା ହୋଇଥିବା ସୂଚନା ମଳିଛି।

### ମା' ରାମଚଣ୍ଡୀ ନାଟକ ମହୋତ୍ସବ

# ତୃତୀୟ ସନ୍ଧ୍ୟାରେ 'ଆସିଛି ଏକା ଯିବି ମୁଁ ଏକା' ନାଟକ କନ୍ଦାଇଲା



**ପାରାଦୀପ, ୨୪।୬ (ସମିସ):** ପାରାଦୀପ ଉପକଣ୍ଠ ଢ଼ିଙ୍କିଆ ପଞ୍ଚାୟତର ମାହାଳ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ମା' ରାମଚଣ୍ଡୀ ତୃତୀୟ ବାର୍ଷିକ ନାଟ୍ୟ ମହୋତ୍ସବର ତୃତୀୟ ରଜନୀରେ ଆୟୋଜକ ଦଳ ପକ୍ଷରୁ ''ଆସିଛି ଏକା ଯିବି ମୁଁ ଏକା' ନାଟକ ମଞ୍ଚସ୍ଥ ହୋଇଥିଲା। ଡଃ ଦୀପକ ଜେନାଙ୍କ ରଚିତ, ଯୁବ ନାଟ୍ୟ ନିର୍ଦ୍ଦେଶକ ରଞ୍ଜୀନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ନାଟକ ସଫଳତାର ସହ ମଞ୍ଚସ୍ଥ ହେବା ସହ ଦଶର୍କ ଉକ୍ତ ନାଟକକୁ ଦେଖି ବିଭୋର ହୋଇ କାନ୍ଦିଥିଲେ। ମାହାଳ ଗ୍ରାମର ଉକ୍ତ ବାର୍ଷିକ ଉତ୍ସବ ''ଆମ ଗାଁ ପରବ'ର ସାଂସ୍କୃତିକ ସଭାରେ ମାହାଳ ଗ୍ରାମ୍ୟ କମିଟି ସଭାପତି ଅନିରୁଦ୍ଧ ସଭାପତିତ୍ୱ କରିଥିଲେ। ପ୍ରଭାତ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ନରେଶ ଭଟ୍ଟ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଦ୍ୱୈତ ଭୂୟାଁ ଓ ବକ୍ତା ଭାବେ ବାଲିତୁଠର ପୂର୍ବତନ ସରପଞ୍ଚ ବିଭୁରଞ୍ଜୀନ ସାମନ୍ତରାୟ ଯୋଗଦେଇ ଆୟୋଜକ ଓ କଳାକାରଙ୍କୁ ଉତ୍ସାହିତ କରିଥିଲେ। ତୃତୀୟ ରଜନୀରେ ସର୍ବାଧିକ ଦର୍ଶକ ନାଟକର ମଜା ନେଇଥିଲେ। ମା' ମଙ୍ଗଳା ପପି ୟଙ୍ଗ୍ ଷ୍ଟାର ଉକ୍ତ ନାଟକ ବିଭିନ୍ନ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଛି ।ନାଟକରେ ରଞ୍ଜନ, ଟୁଟା, ପପିନ, ବାବୁ, କୈଳାଶ, ଅରୁ, ପାପୁନି, ନିମାଇଁ, ବଳରାମ, ବାପିନା, ମକରା, ବାବୁ, ଲୁଲୁ, ବର୍ଷା, ଜୟଶ୍ରୀ, ଡ଼ଲି, ସୋମା, ଖୁସି ଓ ତିତିଲି ପ୍ରମୁଖ ଅଭିନୟ କରିଥିଲେ ।ସଂଗୀତରେ ଜିତୁ ସିଙ୍ଗର ଯୋଗ ଦେଇଥିଲେ ।ମାହାଳ ଗ୍ରାମ ତରଫରୁ ମୁରବୀ ବିଷ୍ଣୁ ନାୟକ ଧନୁ ଦଳାଇ, ସମ୍ପାଦକ ଭ୍ରମରବର ସେଠୀ, କୈଳାଶ ନାୟକ, ନିତ୍ୟାନନ୍ଦ କଟିକିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗାଁର ମାନସ ଦଳାଇ, ସରୋଜ ସାମଲ, ବୈରାଗୀ ମଲ୍ଲିକ, ଅଞ୍ଜୀନ ସାମଲ, ତରୁଣ ପରିଡା, ସୁଶୀଲ ନାୟକ, ଜଗବନ୍ଧୁ ମହାନ୍ତି, ଟୁଟୁଆ ନାଥ, ଧୋବି ନାୟକ, କ୍ଷୀରୋଦ ନାଥ, ଅନନ୍ତ କେଶରୀ ଚୌଧୁରୀ, ବସନ୍ତ ଜେନା, ପ୍ରଶାନ୍ତ ରାଉତ, ବାବୁ କଟିକିଆ, ଲିଟୁଆ ନାଥ, ସାରଦା ନାୟକ, କୁଳମଣି ମହାନ୍ତି ଏବଂ ପ୍ରେମାନନ୍ଦ ପରିଡା ଉତ୍ସବ ପରିଚାଳନା କରିଥିଲେ ।ଶେଷ ରଜନୀରେ ଗୋଲେଖ ମହାରଣାଙ୍କ ରଚିତ ତ୍ରିବେଣୀ ଛୋଟରାୟଙ୍କ ନିର୍ଦ୍ଦେଶିତ ନାଟକ ''ଆଖି ତୁ କାନ୍ଦେନା'' ମଞ୍ଚସ୍ଥ କରାଯିବ ।ଏହି ରଜନୀ ନାଟକ ଶେଷରେ ପୁରସ୍କାର ବିତରଣ କରାଯିବ ।ମା' ମଙ୍ଗଳା ପପିୟଙ୍ଗ ଷ୍ଟାରର ସମସ୍ତ କଳାକାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଗାଁ ତରଫରୁ ଅତିଥିମାନଙ୍କୁ ପ୍ରଶଂସା ପତ୍ର ଦିଆଯାଇଥିଲା ।

## ମୁଣ୍ଡ ଉପରେ ଝୁଲୁଛି ବିପଦ

**● ବିଦ୍ୟୁତ୍ ଖୁଣ୍ଟ ଶୀଘ୍ର ମରାମତି ଦାବି**



**ହରଭଙ୍ଗା, ୨୪।୬(ସମିସ):** ହରଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ସୁରୁଣ୍ଡି ଗ୍ରାମରେ ଦୀର୍ଘ ୧୫ ଦିନ ହେବ ଏକ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟୁତ ବିଭାଗର କର୍ମଚାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଖୁଣ୍ଟଟି କେତେବେଳେ ଯେ ମାଡ଼ି ବସିବ କହି ହେଉନାହିଁ। ଉକ୍ତ ବିଦ୍ୟୁତ ଖୁଣ୍ଟ କିଛିଦିନ ତଳେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଦୋହଲି ଯାଇଥିବା ବେଳେ ବର୍ତ୍ତମାନ ଟିକେ ପବନ ହେଲେ ଖୁଣ୍ଟଟି ବିପଦ ଅବସ୍ଥାରେ ହଲୁଛି। ଯାହାଦ୍ୱାରା ଗ୍ରାମବାସୀ ଭୟଭୀତ ଥିବା କହନ୍ତି। ବିଦ୍ୟୁତ ବିଭାଗ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ମରାମତି କରିବା ପାଇଁ ବିଦ୍ୟୁତ ଉପଭୋକ୍ତାଙ୍କ ଭିତରେ ଦାବି ହେଉଛି।

## ବୌଦ୍ଧ ଜିଲ୍ଲା ଗସ୍ତରେ ରାଜ୍ୟ ସମବାୟ ସ୍ୱତନ୍ତ୍ର ସଚିବ

**ବୌଦ୍ଧ, ୨୪।୬(ସମିସ)**

ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରତାପଚନ୍ଦ୍ର ରାଉତ ସୋମବାର ପୂର୍ବାହ୍ନରେ ଜିଲ୍ଲାର ବିଭିନ୍ନ ସମବାୟ ସମିତି ପରିଦର୍ଶନ କରିଛନ୍ତି। ବୌଦ୍ଧ ବ୍ଲକ ମୁଣ୍ଡିପଦର ସେବା ସମବାୟ ସମିତି, ମନୁପାଲି ଧରିତ୍ରୀ ପନିପରିବା ସମିତି ଓ ମନମୁଣ ସେବା ସମବାୟସମିତି ଆଦି ସ୍ୱତନ୍ତ୍ର ସଚିବ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଅପରାହ୍ନରେ ବୌଦ୍ଧ ଠାରେ ଥିବା ମାର୍କଫେଡ କାର୍ଯ୍ୟାଳୟ ଓ ଗୋଦାମ ପରିଦର୍ଶନ କରିଛନ୍ତି ଶ୍ରୀ ରାଉତ। ଶ୍ରୀ ରାଉତ ମାର୍କଫେଡ କାର୍ଯ୍ୟାଳୟ ପହଞ୍ଚି କାଗଜପତ୍ର ଯାଞ୍ଚ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଗୋଦାମରେ ମହଜୁଦ ଥିବା ସାରର

**ବିଭିନ୍ନ ସମିତିର ସମୀକ୍ଷା କାର୍ଯ୍ୟକ୍ରମ**

ହିସାବ ଓ ବାସ୍ତବତା ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ବିଭାଗୀୟ ଉପନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ସହକାରୀ ନିବନ୍ଧକ ଫକୀର ମୋହନ ବାଘ, ନିରୀକ୍ଷକ ଅମିତାଭ ପଣ୍ଡା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



## ଏବିଭିପିର ନୂତନ କର୍ମକର୍ତ୍ତା

**ବୌଦ୍ଧ, ୨୪।୬(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପ୍ରାନ୍ତର ପ୍ରାନ୍ତ ଅଭ୍ୟାସ ବର୍ଗ-୧ ସୁନ୍ଦରଗଡ଼ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହି ବର୍ଗରେ ୧୫ଟି ଜିଲ୍ଲାରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବୌଦ୍ଧ ଜିଲ୍ଲାରୁ ପାଖାପାଖି ୨୦ ଜଣ ଏବିଭିପି କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଏହି ବର୍ଗରେ ଅନେକ ବିଷୟରେ ପ୍ରଶିକ୍ଷଣ ହେବା ସହ ଏବିଭିପିର ଜିଲ୍ଲା ଦାୟିତ୍ୱ ମଧ୍ୟ ଦିଆଯାଇଛି। ବୌଦ୍ଧ ଜିଲ୍ଲା ପୂର୍ବତନ ପ୍ରମୁଖ ଅଜିତ ସାହୁଙ୍କୁ ବଲାଙ୍ଗିର ବିଭାଗର ସହ ପ୍ରମୁଖ ଦାୟିତ୍ୱ ଦିଆଯାଇଛି। ବୌଦ୍ଧ ଜିଲ୍ଲା ପ୍ରମୁଖ ଭାବରେ ସୁନୀଲ ହରିପାଲଙ୍କୁ ନୂତନ ଦାୟିତ୍ୱ ମିଳିଛି। ବୌଦ୍ଧ ଜିଲ୍ଲା ସଂଯୋଜକ ଭାବରେ ପ୍ରତ୍ୟୁଷ ଦାନୀଙ୍କୁ ନୂତନ ଦାୟିତ୍ୱ ଦିଆଯାଇଥିବା ବେଳେ ଖେଲୋ ଭାରତ ବିଭାଗ ସଂଯୋଜକ ଭାବରେ ପ୍ରଫୁଲ୍ଲ ଥାଟି ଏବଂ ସେବାର୍ଥେ ବିଦ୍ୟାର୍ଥୀ ବିଭାଗ ସଂଯୋଜକ ଭାବରେ ଅଭିନାଶ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ବାର୍ଦ୍ଧକ୍ୟ ଭତ୍ତା ପାଉନାହାନ୍ତି ଭଗବାନ



**ବାଉଁଶୁଣି, ୨୪।୬(ସମିସ):** ସରକାର ଗରିବ ଲୋକଙ୍କ ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ହେଲେ ଯୋଜନା କରିବା ସତ କିନ୍ତୁ ଖଟିଖିଆ ଗରିବ ଲୋକପାଖକୁ ପହଞ୍ଚି ପାରୁନି ଏହାର ଉଚିତ ସହାୟତା। ବୌଦ୍ଧ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋଛାପଡ଼ା ପଞ୍ଚାୟତ ଅଁଳାଝୁଲି ଗ୍ରାମର ଭଗବାନ ଦନ୍ତା। ବୟସ ୬୮ ବର୍ଷ; ହେଲେ ବାର୍ଦ୍ଧକ୍ୟ ଭତ୍ତା ପାଉ ନାହାନ୍ତିଫ ପଞ୍ଚାୟତଠୁ ଆରମ୍ଭ କରି ବୌଦ୍ଧ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଇ ଯାଇଥିବା ଜଣାପଡ଼ିଛିଫ ଭଗବାନ ବିଭିନ୍ନ ସମୟରେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳିପାରିନାହିଁ। ଭଗବାନ ଅନେକଥର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଗୁହାରି ଜଣାଇବାକୁ ମନସ୍ଥ କରିଥିଲେ ମଧ୍ୟ ଶରୀର ଓ ସମ୍ବଳ ନଥିବାରୁ ସେ ତାହା କରିପାରି ନାହାନ୍ତି। ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳ ଏହି ମାମଲାରେ ହସ୍ତକ୍ଷେପ କରି ଅସହାୟ ଭଗବାନଙ୍କୁ ଭତ୍ତା ଯୋଗାଇ ଦେବାକୁ ଭଗବାନ ନିବେଦନ କରିଛନ୍ତି।

## ହରଭଙ୍ଗା ବ୍ଲକ ବିପିସି ପ୍ରକୋଷ୍ଠରେ ଅଗ୍ନିକାଣ୍ଡ



**● ପୋଡ଼ିଗଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର**
**● ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଲାଗିଲା ନିଆଁ: ବିଡିଓ**

**ହରଭଙ୍ଗା, ୨୪।୬(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ସୋମବାର ସକାଳୁ ନିଆଁ ଲାଗି ଯାଇଥିଲା। ଏହି ଅଗ୍ନିକାଣ୍ଡରେ କାର୍ଯ୍ୟାଳୟର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିପୋଡ଼ି ଯାଇଛି। ଅଗ୍ନିକାଣ୍ଡଟି ବିପିସି ସେକ୍ସନରେ ଲାଗି ପ୍ରକୋଷ୍ଠରେ ଥିବା କାଗଜପତ୍ର ଜଳି ପାଉଁଶ ହୋଇଯାଇଛି। ତେବେ, ଅଗ୍ନିକାଣ୍ଡର ଖବର ପାଇ ନିଆଁକୁ ଆୟତ୍ତ କରିଥିଲେ ଚାରିଛକ ଅଗ୍ନିଶମ ବାହିନୀ। ନିଆଁ ଲାଗି ଫାଇଲ ଓ କମ୍ପ୍ୟୁଟର ସମେତ ବହୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବିଡିଓ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଉପଜିଲ୍ଲାପାଳ କରିବେ ବୋଲି କହିଛନ୍ତି। ଅଗ୍ନିକାଣ୍ଡ ବିଦ୍ୟୁତ ସର୍ଟସର୍କିଟ୍‌ରୁ ହୋଇଥାଇପାରେ ବୋଲି ବିଡିଓ ପ୍ରାଥମିକ ଅନୁଧ୍ୟାନ ପରେ ପ୍ରକାଶ କରିଛନ୍ତି। ଉକ୍ତ ପ୍ରକୋଷ୍ଠରେ ଆବାସ ଯୋଜନା ସମ୍ପର୍କିତ କାଗଜପତ୍ର ରହିଥିଲା। ତେବେ, ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

## ଅଙ୍ଗନବାଡ଼ି କର୍ମୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ ଉଦ୍ୟମ





**ବିନିକା, ୨୪।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ବାଉଁଶୁଣି ଗ୍ରାମର ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଜଣେ ଶିକ୍ଷକ ବଳାତ୍କାର ଉଦ୍ୟମ କରି ବିଫଳ ହେଲା ପରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବିନିକା ଥାନାରେଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଗତ ବୁଧବାର ରାତ୍ର ୮ଟା ସମୟରେ ଉକ୍ତ ଅଙ୍ଗନବାଡ଼ି କର୍ମୀଙ୍କ ଘରକୁ ବାଉଶୁଣି ଗ୍ରାମର ଶିକ୍ଷକ ଘନଶ୍ୟାମ ମୁଦୁଲି ଏବଂ ଅନ୍ୟ ଜଣେ ବ୍ୟକ୍ତି ଏକାଦସିଆ ମଲ୍ଲିକ ପହଞ୍ଚିଥିଲେ। ଅଙ୍ଗନୱାଡ଼ି କର୍ମୀ ଏକୁଟିଆ ରହନ୍ତି। ସୁଯୋଗ ନେଇ ଘନଶ୍ୟାମ ତାଙ୍କୁ ହ୍ୱାଟନର ମାଗିବା ବାହାନାରେ ତାଙ୍କ ପଛେ ପଛେ ଘର ଭିତରକୁ ପଶି ଯାଇଥିଲେ। ପରେ ବାହାର ପଟରୁ ଏକାଦସିଆ କବାଟ ବନ୍ଦ କରି ଦେଇଥିଲେ। ଘର ଭିତରେ ଘନଶ୍ୟାମ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏପରିକି ତାଙ୍କୁ ମାଡ଼ମାରି ମରଣାନ୍ତକ ଆକ୍ରମଣ କରିଥିଲେ। କୌଶଳକ୍ରମେ ମହିଳା ଜଣକ ଖସି ଯାଇଥିଲା ବେଳେ ଗତ ୨୨ ତାରିଖ ପୀଡ଼ିତା ବିନିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମହାଦେବପାଲି ଫାଣ୍ଡି ଅଧିକାରୀ ଶ୍ରୀକୃଷ୍ଣ ସେଠ ଏହାର ତଦନ୍ତ କରୁଥିଲା ବେଳେ ବିଜେପି ନେତ୍ରୀ ସୁଦେଷ୍ଣା ନେଗୀ ଏବଂ ତାଙ୍କ ସହଯୋଗୀମାନେ ସୋମବାର ବିନିକା ଥାନାକୁ ଆସି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

## ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ କନ୍ଧମାଳ ବିଧାୟକ



**ଶଗଡ଼ା/ମନମୁଣ୍ଡା, ୨୪।୬(ସମିସ):** କନ୍ଧମାଳ ବିଧାୟକ କନ୍ହେଇ ଚରଣ ଡାଙ୍ଗ ବରଗୋଛା ପଞ୍ଚାୟତ ଗସ୍ତ କରିଛନ୍ତି। ଏହି ଗସ୍ତ ଅବସରରେ କନ୍ଧମାଳ ବ୍ଲକ ବରଗୋଛାଠାରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିବା ସହ ସ୍ଥାନୀୟ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରଗୋଛା ମିନି ଷ୍ଟାଡିଅମଠାରେ ଯୁବକମାନଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ଗସ୍ତ ସମୟରେ ବିଧାୟକ ଶ୍ରୀ ଡାଙ୍ଗଙ୍କ ସହ ରାଜ୍ୟ ବୟନିକାର ପୂର୍ବତନ ସଭାପତି ଶେଷକୁମାର ମେହେର ଓ ସମାଜସେବୀ ଶାନ୍ତନୁ କୁମାର ଥାଟି ପ୍ରମୁଖ ଉପସ୍ଥିତ ଥିଲେ।

## ସିଡିଏମ୍‌ଓଙ୍କ ଦ୍ୱାରସ୍ଥ ହେଲେ ଚାକିରି ଆଶାୟୀ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ



**ବୌଦ୍ଧ, ୨୪।୬(ସମିସ):** ଚାକିରି ଆଶାୟୀ ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓଡ଼ିଶା ଅଧସ୍ତନ କର୍ମଚାରୀ ନିଯୁକ୍ତି କମିଶନଙ୍କ ନିକଟରେ ଚାକିରି ଆଶାୟୀ ଉକ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗକୁ କମିଶନ କୋଭିଡ୍ ସମୟରେ କାର୍ଯ୍ୟ କରିଥିବା ଉକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ଉପରେ ଏକ ରିପୋର୍ଟ ମାଗିଥିବା ବେଳେ ବୌଦ୍ଧ ସମେତ ଅନେକ ଜିଲ୍ଲାର ସିଡିଏମଓ ମାନେ ରିପୋର୍ଟ ଦେଇ ନଥିବା ହେତୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଥିବା ସ୍ୱାସ୍ଥ୍ୟ କର୍ମୀ ଅଭିଯୋଗ କରିଛନ୍ତି। ସେଥିପାଇଁ ଶୀଘ୍ର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ସିଡିଏମଓଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ସିଡିଏମଓ ଦାୟିତ୍ୱରେ ଥିବା ଯକ୍ଷ୍ମା ବିଭାଗର ଏଡିଏମଓ ଡାକ୍ତର ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ ଦାବିପତ୍ର ଗ୍ରହଣ କରିଥିଲେ।

## ରକ୍ତଶିକୁଳି ସଚେତନତା ଦିବସ ପାଳିତ



**ଶଗଡ଼ା, ୨୪।୬(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ଯୋଗିନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳରେ ରକ୍ତ ଶିକୁଳି ସଚେତନତା ଦିବସ ସୋମବାର ପାଳିତ ହୋଇଯାଇଛି। ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ପକ୍ଷ ଅବସରରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଯୋଗିନ୍ଦ୍ରପୁର ସରପଞ୍ଚ ଝୁନୁ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନନ୍ତ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ତପସ୍ୱିନୀ ମେହେର, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ବିପ୍ରଚରଣ ମହଲା, ସସ୍ମିତାରାଣୀ ସିଂ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଶିକୁଳି ଜନିତ ରକ୍ତହୀନତା, ରୋଗର ଲକ୍ଷଣ, ନିରାକରଣ, ସଚେତନତା ବିଷୟରେ ବୁଝାଇଥିଲେ।

## ଗଞ୍ଜେଇ ସହ ବାଇକ୍ ଜବତ; ଜଣେ ଗିରଫ



**ଶଗଡ଼ା, ୨୪।୬(ସମିସ):** କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଗଞ୍ଜେଇ ସହ ଏକ ବାଇକ୍ ଜବତ କରାଯାଇଛି। ଏହି ମାମଲାରେ ଅଭିଯୁକ୍ତ କୃଷ୍ଣ ନାଏକ (୩୨)କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ କନ୍ଧମାଳ ଅବକାରୀ ବିଭାଗର ଏକ ଟିମ୍ କନ୍ଧମାଳ ଥାନା ମାର୍ଡୋଲ ରାସ୍ତାର ଏକ ଗଛ ତଳେ ଅଟକି ଥିବା ଏକ ବାଇକକୁ ସନ୍ଦେହରେ ଅଟକାଇଥିଲେ। ତଦନ୍ତ ପରେ ବାଇକରୁ ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ପରିମାଣ ୧୨ କେଜି ହୋଇଥିବା ବେଳେ ଗିରଫ ଅଭିଯୁକ୍ତ ବରଗଡ଼ ଜିଲ୍ଲା ବିଜେପୁର ଥାନାଞ୍ଚଳର କୃଷ୍ଣ ନାଏକ (୩୨)କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ, ଶୁକେଶିନି କୁଜୁର, ସଞ୍ଜୟ ସେଠୀ, ଶ୍ରୀକାନ୍ତ ବେହେରା, ଆନନ୍ଦ ମେହେର ପ୍ରମୁଖ ସାମିଲ ଥିଲେ।

## କ୍ଲବ୍ ଫୁଟ୍ ସଚେତନତା ସ୍ୱାସ୍ଥ୍ୟ ଶିବିର

**ସୋନପୁର, ୨୪।୬(ସମିସ):** ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ରାମଶଙ୍କର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖରଜୁରାଠାରେ କ୍ଲବ୍ ଫୁଟ୍ ସଚେତନତା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ପ୍ରିୟରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିଇଆଇସି ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ବିଧୁଭୂଷଣ ପତି, ଫିଜିଓ ଥେରାପିଷ୍ଟ ଡା. ସୋମେଶ ରଞ୍ଜନ ପଣ୍ଡା ଯୋଗଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିମର ଡା. ସରୋଜ ପଟେଲ, ଡା. ଚିତ୍ତରଞ୍ଜନ ତ୍ରିପାଠୀ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ରେଖାରାଣୀ ଦାସ, ଫାର୍ମାସିଷ୍ଟ ହୃଷୀକେଶ ମିଶ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ କଲ୍ୟାଣୀ ସାହୁ, ଗୀତାଞ୍ଜଳି ସାହା, ଶୁଭଲକ୍ଷ୍ମୀ ବାଗ, ଅଙ୍ଗନବାଡ଼ି ଦିଦି ଓ ଆଶା ଦିଦି ସହଯୋଗ କରିଥିଲେ।

## ବଳିଦାନ ଦିବସ ପାଳିତ

**ବିନିକା, ୨୪।୬(ସମିସ):** ବିନିକା ବିଜେପି ପକ୍ଷରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ବିନିକା ନଗର, ଚର୍ଦ୍ଦେଇ ଓ ମେଘଲା ମଣ୍ଡଳର ବିଜେପି କର୍ମୀମାନେ ବିନିକା ନଗର ସଭାପତି ଉଷତ କରଙ୍କ ଅଧ୍ୟକ୍ଷତାରେ ସାମିଲ ହୋଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର, ଜିଲ୍ଲା ଉପସଭାପତି ଅଶୋକ ପୃଷ୍ଟି, ବରିଷ୍ଠ କାର୍ଯ୍ୟକର୍ତ୍ତା ସଚ୍ଚିଦାନନ୍ଦ ପ୍ରଧାନ, ବାବୁଲୁ ବିଶି, ଚର୍ଦ୍ଦେଇ ମଣ୍ଡଳ ସଭାପତି ବିଶ୍ୱଦେବ ବଡ଼ପଣ୍ଡା, ନେଘେଲା ମଣ୍ଡଳ କାର୍ଯ୍ୟକାରୀ ସଭାପତି ବାସୁଦେବ ମେଲ୍ଲୀ, ସମ୍ପାଦକ ଉଦ୍ଧବ ମହାକୁର, ବିନିକା ନଗର ଯୁବ ମୋର୍ଚ୍ଚା ସଭାପତି ଭୁବନେଶ୍ୱର ପାତ୍ର, ଯୁବ ଓକିଲ ପ୍ରଶାନ୍ତ ଦଣ୍ଡସନା ପ୍ରମୁଖ ସ୍ୱର୍ଗତ ମୁଖାର୍ଜୀଙ୍କ ତ୍ୟାଗ ଓ ଦେଶ ପାଇଁ ବଳିଦାନ ଉପରେ ଆଲୋକପାତ କରିଥିଲେ।



## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**ସୁବଳୟା, ୨୪।୬(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନ୍ଝିରିଆପାଲି ବାବା ମଠ ପାଖରେ ବିଜେପି ପକ୍ଷରୁ ମା' ପାଇଁ ଗଛ'ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ଙ୍ଗ ରଘୁନାଥ ଜଗଦଳା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବୀରମହାରାଜପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ବେଣୁଧର ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷାକୁମାରୀ, ସ୍ଥାନୀୟ ସରପଞ୍ଚ ନଳିନୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଏହି ଅବସରରେ ସମସ୍ତ ବିଜେପି କର୍ମୀ ଓ ସମର୍ଥକଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ ବିଧାୟକ। ଲୁଡୁରପଙ୍କଠାରୁ କେନ୍ଝରିଆପାଲି ପର୍ଯ୍ୟନ୍ତ ଗଛ ଲଗାଇବାର ଏହି କାର୍ଯ୍ୟକ୍ରମକୁ ବିଧାୟକ ଶୁଭାରମ୍ଭ କରିଥିଲେ। ଏହାପରେ ପୁଣି ବୀରମହାରାଜପୁରଠାରୁ ଅମରପାଲି ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟରେ ଗଛ ଲଗାହେବ ବୋଲି କହିଛନ୍ତି। ଉକ୍ତ ରାସ୍ତା ଓ ମଠ ପାଖରେ ବ୍ରିଜ ତଳେ ହେଉଥିବା ଚେକ ଡ୍ୟାମ ର କାମ ଅତି ନିମ୍ନମାନର ହେଉଥିବା ଅଭିଯୋଗ ପରେ ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ କାମର ତଦନ୍ତ କରାଯିବ ବୋଲି କହିଛନ୍ତି। ଏଥିରେ ଅଞ୍ଚଳର ବହୁ ବିଜେପି କର୍ମୀ ଯୋଗ ଦେଇଥିଲେ।

## ୧୦୮ କର୍ମଚାରୀ ସଂଘର ସାଥୀ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ମନମୁଣ୍ଡା, ୨୪।୬(ସମିସ):** ବୌଦ୍ଧ ସଦର ମୁଖ୍ୟ ଡାକ୍ତରଖାନାର ଜଣେ ୧୦୮ କର୍ମଚାରୀ ମାନସ ପ୍ରଧାନଙ୍କ ଏକାଦଶାହ ତିଥିରେ ସଂଘ କର୍ମଚାରୀମାନେ ଯୋଗ ଦେଇଥିଲେ। ମନମୁଣ୍ଡା ଥାନା ବରଗୋଛା ପଞ୍ଚାୟତ ଲୁଣପଙ୍ଗା ଗ୍ରାମର ମାନସ ପ୍ରଧାନ ବୌଦ୍ଧ ମୁଖ୍ୟ ଡାକ୍ତରଖାନା ୧୦୮ ଆମ୍ବୁଲାନ୍ସରେ କାମ କରୁଥିଲେ। ଗତ ୧୩ ତାରିଖରେ ସେ ଡ୍ୟୁଟି ସାରି ବାଇକରେ ଘରକୁ ଫେରୁଥିବାବେଳେ ବିଲାସପୁର ମେହେରୁଣି ନଦୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଥିଲେ। ୧୪ ତାରିଖ ବୁର୍ଲା ଡାକ୍ତରଖାନାରେ ତାଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ଏକାଦଶାହ ତିଥିରେ ବୌଦ୍ଧ ଜିଲ୍ଲା ୧୦୮ କର୍ମଚାରୀ ସଂଘ ସଦସ୍ୟମାନେ ମୃତକଙ୍କ ଘରକୁ ଯାଇ ମୃତକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବାପା ମୁକ୍ତେଶ୍ୱର, ମା' ସଫଳା ଏବଂ ପରିବାର ବର୍ଗଙ୍କୁ ସମବେଦନା ପ୍ରକାଶ କରିଥିଲେ। ଏହି ଅବସରରେ ସଂଘ ସଦସ୍ୟମାନେ ମୃତକଙ୍କ ପରିବାରକୁ ପ୍ରଥା ମତେ ବସ୍ତ୍ର ପ୍ରଦାନ ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



# ଦରଦାମ ବୃଦ୍ଧିର ବିକଳ୍ପ ସାଜିଛି ଟୋଳ ତେଲ

ସୋନପୁର, ୨୪।୬(ସମିସ)

ଦରଦାମ ବୃଦ୍ଧି ଯୋଗୁଁ ଲୋକେ ଅତିଷ୍ଠ ହୋଇଗଲେଣି। ଅଟା, ଚିନି, ଚା' ଆଦି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦର। ତେବେ ଖାଇବା ତେଲର ଦାମ ହୁହୁ ହୋଇ ବଢ଼ିଚାଲିଛି। ପ୍ରତ୍ୟେକ ମାସ ୫-୧୦ ଟଙ୍କା ବୃଦ୍ଧି ପାଉଛି ଖାଇବା

## ବନବାସୀଙ୍କ ଭରସା ଓ ପସନ୍ଦ

## ପ୍ରକୃତି କୋଳରୁ ଶୁଦ୍ଧ, ଶସ୍ତା ତେଲ

ତେଲ। ଏବେ ସୋରିଷ ତେଲ, ସୂର୍ଯ୍ୟମୁଖୀ ରିଫାଇନ ତେଲ ଲିଟର ପିଛା ଦର ୧୮୦ ଟଙ୍କା ଉପରେ। ତେବେ ଖାଇବା ତେଲର ଦର ବୃଦ୍ଧି ସହରୀ ଲୋକଙ୍କୁ ଖୁବ୍ ବାଧୁଥିବା ବେଳେ ଘଞ୍ଚ ଜଙ୍ଗଲରେ ବସବାସ କରୁଥିବା କିଛି ଜନଜାତି ପରିବାରକୁ ଏହା ବିଶେଷ ପ୍ରଭାବିତ କରିପାରି ନାହିଁ।

ସୋନପୁର-ସମ୍ବଲପୁର ରାସ୍ତାର ଘଞ୍ଚ ଜଙ୍ଗଲ ଭିତରେ ରହିଛି ଶହ ଶହ ଗାଁ। ଜଉଁରାଭଉଁରା, ଏସ୍. ପତ୍ରାପାଲି ପଞ୍ଚାୟତ ଅଧୀନସ୍ଥ ଏହି ଗାଁରେ ମୁଖ୍ୟତଃ ଜନଜାତି ପରିବାର ବାସ କରନ୍ତି। ଏମାନଙ୍କ ପାଇଁ



ପ୍ରକୃତିର ଦାନ ଅପାର। ନିକଟସ୍ଥ ଜଙ୍ଗଲ ବିଭିନ୍ନ ଉପାୟରେ ଏମାନଙ୍କୁ ରୋଜଗାର ଯୋଗାଏ। ଏମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ତଥା ବ୍ୟବହାର କରି ସୁଖଦୁଃଖରେ ପରିବାର ପ୍ରତିପୋଷଣ କରିଦିଅନ୍ତି। ସେହିଭଳି ଏବେ ଖାଇବା ତେଲର ଦର ଯୋଗୁଁ କିଣିଲେ ଖୁବ୍ ବାଧୁଥିବା ବେଳେ ଟୋଳ ତେଲ ବ୍ୟବହାର କରି ଏମାନେ ଖୁସିରେ ରୋଷେଇ ବାସ କରି ପାରୁଛନ୍ତି। ଏହି ସମୟରେ ସପରିବାର ନିକଟସ୍ଥ ଜଙ୍ଗଲକୁ ଯାଇ ଟୋଳ ଫଳ ସଂଗ୍ରହ କରନ୍ତି। ସେହି ଫଳକୁ ଆଣି ପଥରରେ ଛେଚି ଫଳର ଛାଲି ଏବଂ ମଞ୍ଜି ଅଲଗା କରନ୍ତି। ମଞ୍ଜି ବାହାର କରିବା କାମରେ ମଧ୍ୟ ସ୍ତ୍ରୀ ପୁରୁଷ ସମସ୍ତେ ଲାଗି ପଡନ୍ତି। ଭିତରେ ବାଦାମ ଭଳି ବାହାରୁଥିବା ଟୋଳ ମଞ୍ଜିକୁ ପ୍ରଥମେ ଖରାରେ ଶୁଖାଇ ଦିଅନ୍ତି। ଶୁଖିଲା ମଞ୍ଜିକୁ ମାଟୁପାଲି, ଉଲୁଣ୍ଡା ଆଦି ସ୍ଥାନରେ ଥିବା ତେଲ ମିଲ୍‌କୁ ପିଶାଇବା ପାଇଁ ନିଅନ୍ତି। ୮-୧୦ ଟଙ୍କାରେ ଖୁସିରେ ଏମାନଙ୍କୁ ମିଳିଯାଏ ଲିଟର ଲିଟର ଖାଇବା ତେଲ। ତେଣୁ ବିଭିନ୍ନ ବଡ ବଡ କମ୍ପାନୀ ଦ୍ୱାରା ପ୍ରସ୍ତୁତ ସୋରିଷ, ବାଦାମ, ସୂର୍ଯ୍ୟମୁଖୀ ଆଦି ତେଲର ଦାମ ବଢ଼ି ଚାଲିଥିଲେ ମଧ୍ୟ ଏମାନେ ସେତେଟା ଚିନ୍ତିତ ନୁହନ୍ତି। ସ୍ଥାନୀୟ ଅଧିବାସୀମାନେ କହନ୍ତି, ଡାଲି, ତରକାରୀ ରୋଷେଇ ସହ ଛଣାଛଣିରେ ମଧ ଆମେ ଟୋଲ ତେଲ ବ୍ୟବହାର କରୁଛୁ। ତେଣୁ ତେଲ ଦର ବଢୁଥିଲେ ମଧ ଆମକୁ ଅଧିକ ଖର୍ଚ୍ଚ କରିବାକୁ ପଡୁନାହିଁ। ଏହି ଜଙ୍ଗଲ ହିଁ ଆମର ମା' ଭଳି, ସମସ୍ତ କ୍ଷେତ୍ରରେ ଆମକୁ ସହାୟକ ହେଉଛି ଜଙ୍ଗଲ। ତେବେ ଟୋଲ ତେଲ ପ୍ରୋସେସିଂ ପାଇଁ ସରକାରଙ୍କ ଦ୍ୱାରା କୌଣସି ବ୍ୟବସ୍ଥା ହୋଇ ପାରିଲେ ଏହି ଫଳ ସଂଗ୍ରହ କରି ଭଲ ଦୁଇ ପଇସା ରୋଜଗାର କରିପାରନ୍ତେ ଅଞ୍ଚଳବାସୀ। କମଦାମରେ ଭଲ ତେଲ ମଧ ଗ୍ରାହକମାନେ ପାଇ ପାରନ୍ତେ।

# ନବଜାତ ଶିଶୁ ଉଦ୍ଧାର

**ନୂଆପଡ଼ା/କୋମନା, ୨୪।୬ (ସମିସ):** ସ୍ଥାନୀୟ କୁରୁମପୁରୀ ସାପ୍ତାହିକ ଛେଳି ମାର୍କେଟ ନିକଟରୁ ଅବାଞ୍ଛିତ ଅବସ୍ଥାରେ ଏକ ନବଜାତ ଶିଶୁ ପୁତ୍ର ଉଦ୍ଧାର ହୋଇଛି। ତାକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ (ଚାଇଲଡ ଲାଇନ ) ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଇଛନ୍ତି। ପ୍ରକାଶ ଯେ ସୋମବାର ମଧ୍ୟାହ୍ନରେ ଛେଳି ଚରାଳିମାନେ ସ୍ଥାନୀୟ ଛେଳି ମାର୍କେଟ ନିକଟରେ ଥିବା ଏକ ନାଳା ନିକଟରେ ଏକ ନବଜାତ ଶିଶୁ କାନ୍ଦୁଥିବା ଦେଖିବାକୁ ପାଇଥିଲେ। ସେମାନେ ଘର ଲୋକଙ୍କୁ ଖବର ଦେବାରେ ମହିଳାମାନେ ଆସି ଶିଶୁପୁତ୍ରକୁ ନେଇ ଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଶିଶୁ ସୁରକ୍ଷା ବିଭାଗର ନିର୍ଦ୍ଦେଶରେ ଚାଇଲ୍ ଲାଇନ ତରଫରୁ ସଂଯୋଜକ ବିକାଶ ପାତ୍ର, ଯଶୋବନ୍ତି ବେମାଲ, ଟଙ୍କଧର ହଂସ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯାଇ ଶିଶୁକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଆଣିଥିଲେ। ଏଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର କକ୍ଷ (ଏସ୍‌ଏନସିୟୁ)ରେ ପର୍ଯ୍ୟବେକ୍ଷଣରେ



ରଖାଯାଇଛି। ସୂଚନାଯୋଗ୍ୟ ଯେ ଦୁଇ ବର୍ଷ ତଳେ ଏହି ପଞ୍ଚାୟତର ଦଲଦଲି ଗାଁ ନିକଟରୁ ମଧ୍ୟ ଏକ ଶିଶୁ କନ୍ୟାକୁ ପ୍ରଶାସନ ତରଫରୁ ଉଦ୍ଧାର କରାଯାଇଥିଲା। ନବଜାତ ଶିଶୁ ଉଦ୍ଧାର ଘଟଣାକୁ ଶିଶୁ ସୁରକ୍ଷା ବିଭାଗ ଏବଂ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ସରପଞ୍ଚଙ୍କ ଗାଡ଼ି ଧକ୍କାରେ ବଡ଼ ଭାଇ ମୃତ, ସାନ ଗୁରୁତର

**ନୂଆପଡ଼ା/ଖରିଆରରୋଡ଼, ୨୪।୬(ସମିସ):** ନୂଆପଡ଼ା ଜିଲ୍ଲା ବେଲଟୁକୁରି ଥାନା ଅନ୍ତର୍ଗତ ନେଗୀପାଲି ଛକ ନିକଟରେ ସୋମବାର ଭାଲେଶ୍ୱର ସରପଞ୍ଚଙ୍କ କାର ସହ ଏକ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବଡ଼ ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ସାନଭାଇ ଗୁରୁତର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଭାଲେଶ୍ୱର ସରପଞ୍ଚ ସରୋଜଦେବୀ ଅଗ୍ରୱାଲ ନିଜ ବାସଭବନରୁ କାର ନଂ ସିଜି୦୪ଏଲବି-୨୨୩୩ରେ ପଞ୍ଚାୟତ ଅଭିମୁଖେ ଯାଉଥିବା ବେଳେ ତାଙ୍କ ଗାଡି ନେଗୀପାଲି ନିକଟରେ ଏକ ବାଇକକୁ ଧକ୍କା ଦେଇଥିଲା। ଫଳରେ ଛତିଶଗଡ଼ ଚରୋଦାରୁ ଖରିଆରରୋଡ଼ ଅଭିମୁଖେ ବାଇକରେ ଆସୁଥିବା ଦୁଇ ଭାଇଙ୍କ ମଧ୍ୟରୁ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ତେନ୍ତୁକୋନା ଥାନା ଚରୋଦା ଗ୍ରାମର ବଡ଼ ଭାଇ ମହେଶ ବରିହା (୩୨) ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ସାନଭାଇ ବାଲକୁମାର ବରିହା (୩୦) ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ମୁଖ୍ୟ ଡାକ୍ତଖାନରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ବେଲଟୁକୁରୀ ପୁଲିସ ଏକ ମାମଲା ରୁଜୁ କରି ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। କାର ଓ ବାଇକକୁ ଜବତ କରିଥିବା ବେଲଟୁକୁରୀ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାଶ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଆରମ୍ଭ

**ନୂଆପଡ଼ା/ଖଡ଼ିଆଳ, ୨୪/୬(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକର କ୍ରୀଡ଼ାଙ୍ଗନ ତାଲିମ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲୋହୋରାପାଲିଠାରେ ୨୪ ତାରିଖଠାରୁ ୨୬ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦଘାଟନୀ ଦିବସରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲୋହରାପାଲି ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ଦଣ୍ଡସେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁ ଚରଣ ନାଏକ ଓ ସମ୍ମାନିତ ଅତିଥି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା ଯୋଗ ଦେଇ ଖେଳ ଶିକ୍ଷା ବ୍ୟବସ୍ଥାରେ ଏକ ଅଭିନ୍ନ ଅଙ୍ଗ। କ୍ରୀଡା ଦେହ ଓ ମନକୁ ସୁସ୍ଥ ରଖିଥାଏ। ତେଣୁ କ୍ରୀଡା ପ୍ରତି ସମସ୍ତ ଛାତ୍ର ଛାତ୍ରୀ ଆଗ୍ରହ ପ୍ରକାଶ କରି ଆଗକୁ ଆସିବା ଦରକାର ବୋଲି ମତବ୍ୟକ୍ତ କରିଛନ୍ତି। ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ରତନ ସିଂ ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନେହେନାର ଶିକ୍ଷକ ଧନଞ୍ଜୟ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ସାଧନ କର୍ମୀ ପ୍ରଶାନ୍ତ କୁମାର ପ୍ରଧାନୀଙ୍କ ସମେତ ଖଡିଆଳ ବ୍ଲକର ସମସ୍ତ ପିଇଟି ଉପସ୍ଥିତ ଥିଲେ।



# ନିୟମିତ ପାଇଁ ଦାବିକଲେ ସ୍ୱାସ୍ଥ୍ୟକର୍ମୀ

**ବଲାଙ୍ଗିର, ୨୪।୬(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ନଅଗାଁ (ଖ) ସ୍ଥିତ ବିଜେପି କାର୍ଯ୍ୟାଳୟରେ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ଗତ ଶନିବାର ଜନସାଧାରଣଙ୍କୁ ସାକ୍ଷାତ କାର୍ଯ୍ୟକ୍ରମ ରହିଥିଲା। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଦୀର୍ଘ ୧୦ ବର୍ଷଧରି ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ କାମ କରିଆସୁଥିବା ଏସ୍‌ଇବିସି ବର୍ଗର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମାଞ୍ଚଳରେ ପ୍ରାୟ ୧୦ ବର୍ଷ ହେଲା କାମ କରିଆସୁଛନ୍ତି। ତେଣୁ ସ୍ୱାସ୍ଥ୍ୟକର୍ମୀ ତାପସ ସାହୁଙ୍କ ନେତୃତ୍ୱରେ ଚୈତନ୍ୟ ଖୁଣ୍ଟିଆ, ବିଶ୍ୱମ୍ବର ମେହେର, ପୁଲସ୍ତି ବୁଦ୍ଧିଆ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦେଖା କରି ଚାକିରିକୁ ନିୟମିତ କରିବାକୁ ଦାବି କରିଥିଲେ।

# ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନ୍‌ସନ ଓ ସ୍ୱାସ୍ଥ୍ୟ ବୀମା ପାଇଁ ଶିକ୍ଷକ ସଙ୍ଘର ଦାବି

## ଚଳିତ ବଜେଟରେ ସାମିଲ କରାଯାଉ

**ନୂଆପଡ଼ା, ୨୪।୬(ସମିସ):** ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ନିମନ୍ତେ ୨୦୦୫ ମସିହାରୁ ଲାଗୁ ହୋଇଥିବା ନୂତନ ପେନସନ ଯୋଜନାକୁ ବନ୍ଦକରି ପୁରୁଣା ପେନସନ ସହିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ଚଳିତ ବଜେଟରେ ସ୍ଥାନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ପ୍ରସ୍ତାବ ରଖିଛି। ସୂଚନା ଥାଉକି ଓଡ଼ିଶାରେ ନୂତନ ସରକାର ଦାୟିତ୍ୱ ନେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଅଧିବେଶନ ପୂର୍ବରୁ ଲୋକାଭିମୁଖୀ ବଜେଟ ପାଇଁ ଜନମତ ସଂଗ୍ରହ କରୁଥିବାରୁ ଏହାକୁ ଉଚିତ ସମୟ ଭାବି ଶିକ୍ଷକ ସଙ୍ଘ ପ୍ରସ୍ତାବ ଦେଇଛି। ଏହାକୁ ବଜେଟରେ ସ୍ଥାନିତ କରିବାକୁ କୁହାଯାଇଛି। ନୂତନ ପେନସନ ଯୋଜନା ଅନିଶ୍ଚିତତା ଆଡକୁ ଗତି କରୁଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ ଆର୍ଥିକ ଅନଟନ ଦେଇଗତି କରୁଥିବା ଦୃଷ୍ଟିଗୋଚର ହେଉଛି। ପନ୍ଦରରୁ କୋଡିଏ ବର୍ଷଧରି ସରକାରଙ୍କ ଅଧୀନରେ କାର୍ଯ୍ୟକରି ସାରିବା ପରେ ଦୁଇରୁ ତିନି ହଜାର ଟଙ୍କା ପେନସନ ପାଇ ମାନସିକ ସନ୍ତୁଳନ ହରାଉଥିବାର ନଜିର ରହିଛି। ନିକଟ ଅତୀତରେ ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ଅନେକ ରାଜ୍ୟରେ ନୂତନ ପେନସନ ଯୋଜନାକୁ ବନ୍ଦ କରି ପୁରୁଣା ପେନସନ ଲାଗୁ କରାଯାଇଛି। ଓଡ଼ିଶା ସରକାର ୨୦୧୬ ମସିହାଠାରୁ ରାଜ୍ୟରେ ସରକାରୀ କର୍ମଚାରୀମାନଙ୍କୁ ଛାଡି ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ସୁବିଧା ଯୋଗାଇ ଦେଉଥିବା ବେଳେ କମ ଦରମା ପାଉଥିବା ଗ୍ରୁପ ଡି ଓ ଗ୍ରୁପ ସି କର୍ମଚାରୀଙ୍କୁ ଅବହେଳା କରୁଥିବାରୁ ନୂତନ ମୁଖ୍ୟମନ୍ତ୍ରୀଙ୍କଠାରେ ରାଜ୍ୟ ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁଙ୍କ ସମେତ ସମସ୍ତ ପଦାଧିକାରୀ ପ୍ରସ୍ତାବ ଦେଇଛନ୍ତି।

# ନୃସିଂହନାଥରେ କବିର ଜୟନ୍ତୀ ପାଳନ

**ପାଇକମାଳ, ୨୪।୬ (ସମିସ) :** ପାଇକମାଳ ନୃସିଂହନାଥ ମନ୍ଦିର ପରିସରରେ ସତଗୁରୁ କବୀର ସାହେବଙ୍କ ଜୟନ୍ତୀ ଉତ୍ସବ କବିର ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ମାନିକପୁରି ପନିକା ସମାଜ ଦ୍ୱାରା ଆୟୋଜିତ ଏହି ଜୟନ୍ତୀ ସଭାରେ ରାଜ୍ୟସ୍ତରୀୟ ଅଖଣ୍ଡ ମାନିକପୁରି ପନିକା ସମାଜର କର୍ମକର୍ତ୍ତା ତଥା ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଗୋନ୍ଦିଆ କବିର ଆଶ୍ରମର ସନ୍ଥ ଶ୍ରୀମାନ ଗୁରୁଶିଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରବଚନ ମାଧ୍ୟମରେ ଲୋକଙ୍କୁ ବୁଝାଇ ଦୁନିଆରେ ଗୁରୁ ମାନଙ୍କ ମଧ୍ୟରେ କବିର ହିଁ ଶ୍ରେଷ୍ଠ ବୋଲି କହିଥିଲେ। ଏହାକୁ ଆୟୋଜନ କରିଥିଲେ ଚାରଗଡ଼ କୋମନା, ଖୋଲା, ପାଟନା ଓ ବୋଡ଼ାସମ୍ବର ମାନିକପୁରି ପନିକା ସମାଜ। ମୁଖ୍ୟଅତିଥି ଭାବେ ପଦମପୁର ବିଧାୟିକା ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥିଭାବେ ନୃସିଂହନାଥ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ସଭାପତି ଲାଲବାହାଦୁର ଦାଶ ଏଥିରେ ସଭାପତିତ୍ୱ କରିଥିବା ବେଳେ, କୋମନା ସର୍କଲ ସଭାପତି କବି ଦାସ, ପାଟନା ସର୍କଲ ସଭାପତି ନେହେରୁ ଦାସ, ଶାଖାତୋରା ସର୍କଲ ସଭାପତି ପରଦେଶୀ ଦାସ, ଛିନପାନି ସର୍କଲ ସଭାପତି ସନ୍ତୋଷ ଦାସ, ବୋଡ଼ାସମ୍ବର ସର୍କଲ ସଭାପତି-କ୍ଷୀରସାଗର ଦାସ ଓ ବିସୋରା ସର୍କଲ



ଉପ ସଭାପତି ପରମେଶ୍ୱର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଜାତିର ଉନ୍ନତି ସହ ଯୁବକ ମାନେ ସମାଜକୁ କିପରି ସବୁ କ୍ଷେତ୍ରରେ ଉନ୍ନତି କରିବେ ସେନେଇ ଦିଗଦର୍ଶନ ଦେଇ ଥିଲେ। ରାଜ୍ୟସ୍ତରୀୟ ନିର୍ଣ୍ଣାୟକ କମିଟିର କର୍ମକର୍ତ୍ତା ମାନଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱ ଥିଲା ବୋଲି ଖେମ ଦାଶ କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରଥଯାତ୍ରା ପାଇଁ ଚୂଡ଼ାନ୍ତ ବୈଠକ

**ପାଇକମାଳ, ୨୪।୬ (ସମିସ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ନୃସିଂହନାଥ ମନ୍ଦିରରେ ପୂଜା ପାଆନ୍ତି ମାର୍ଜରକେଶରୀ ନୃସିଂହ ମହାପ୍ରଭୁ। ମନ୍ଦିରରେ ତିନି ଠାକୁର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ମଧ୍ୟ ପୂଜା କରାଯାଏ। ନୃସିଂହନାଥରେ ପବିତ୍ର ରଥଯାତ୍ରା ମଧ୍ୟ ପ୍ରତିବର୍ଷ ପାଳିତ ହୁଏ। ରଥଯାତ୍ରା ଚୁଡ଼ାନ୍ତ ପ୍ରସ୍ତୁତି ପାଇଁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ଆହ୍ୱାନକ୍ରମେ ଭୋଗ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣ ସମାଜର ସଭାପତି ଗିରିଶ ନାୟକ ଏହି ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ସହ ଉଦେଶ୍ୟ ଜ୍ଞାପନ କରିଥିଲେ। ନୃସିଂହନାଥ ମନ୍ଦିରରୁ ପାଇକମାଳ ୪ କିଲୋମିଟର ରାସ୍ତା ରଥରେ ତିନି ଠାକୁରଙ୍କୁ ବସାଇ ଟଣା ହେଉଥିବାରୁ ଏଥିପାଇଁ ସତର୍କତାର ସହିତ ରଥ ଟାଣିବା ପାଇଁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଗୋଟିଏ ଦିନରେ ଠାକୁରଙ୍କ ନବଯୌବନ ଦର୍ଶନ ଓ ନେତ୍ର ଉତ୍ସବ ପଡୁ ଥିବାରୁ ଶୀଘ୍ର ପହଣ୍ଡିବିଜେ କରାଯିବା ନେଇ ଆଲୋଚନା ହୋଇଥିଲା। ପାଇକମାଳ ସ୍ଥିତ ମାଉସୀ ମା ମନ୍ଦିରରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ନବମୀ ଦିନ ସମସ୍ତଙ୍କୁ ଅନ୍ନ ଭୋଗ ବଣ୍ଟନ କରାଯିବା ନେଇ ଆଲୋଚନା ହୋଇଥିଲା। ଶେଷରେ ସରୋଜ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ଲକସ୍ତରୀୟ ସାହିତ୍ୟ ସୃଜନୀ ତାଲିମ କାର୍ଯ୍ୟକ୍ରମ




**ଖଡ଼ିଆଳ, ୨୪।୬(ସମିସ):** ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ଦିନ ବ୍ୟାପି ହେବାକୁ ଥିବା ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଷ୍ଟେଟ୍ ରିସୋର୍ସ ଗ୍ରୁପର ସଦସ୍ୟ ତଥା ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ମାଷ୍ଟର ଟ୍ରେନର ଭାବରେ ସିନାପାଲି ବ୍ଲକରୁ ଗୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ କୁମାର ପଟେଲ, ଖଡ଼ିଆଳ ବ୍ଲକରୁ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସାଗର ବାଗ ଓ ବୋଡେନ ବ୍ଲକରୁ କରଙ୍ଗାମାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ମାଝୀ ତାଲିମ ପ୍ରଦାନ କରୁଛନ୍ତି। ଏଥିରେ ଖଡ଼ିଆଳ, ସିନାପାଲି ଓ ବୋଡେନ ବ୍ଲକର ମୋଟ ୭୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ପ୍ରକାଶ ଥାଉକି, ଦଶମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ସାହିତ୍ୟ ସୃଜନୀ ଆକାଂକ୍ଷୀ ପାଠ୍ୟକ୍ରମର ଅଂଶବିଶେଷ ଅଟେ। ପ୍ରଥମ ଦିନ ତାଲିମ କାର୍ଯ୍ୟକ୍ରମରେ ସ୍ମୃତିରେ ସାହିତ୍ୟ ସୃଜନୀ, ଶବ୍ଦ ଖେଳ, କଥା ଓ ବକ୍ତୃତା, କାହାଣୀ କେଉଁ ଆଡ଼କୁ ନେଉଛି ଟାଣି ଆଦି ପ୍ରସଙ୍ଗ ଉପରେ ତାଲିମ ପ୍ରଦାନ କରାଯାଇଛି।

## ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଗସ୍ତ

# ପର୍ଯ୍ୟଟନସ୍ଥଳ 'ହେଲୋ ପଏଣ୍ଟ'ର ପାରିପାର୍ଶ୍ୱିକ ବିକାଶ ଉପରେ ଗୁରୁତ୍ୱ

ଥୁଆମୂଳ ରାମପୁର, ୨୪।୬(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଗସ୍ତରେ ସୋମବାର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଶ୍ରୀ ପାଢ଼ୀ ବ୍ଲକର ଅଡ୍ରୀ, ଗୋପୀନାଥପୁର, ମାଳିଗାଁ ଏବଂ ପୋଡାପଦର ପଞ୍ଚାୟତ ଗୁଡିକରେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରୁ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିଥିଲେ। ଏହି ଅବସରରେ ଥୁଆମୂଳ ରାମପୁର ଅନନ୍ୟ ପର୍ଯ୍ୟଟନସ୍ଥଳୀ ହେଲୋ ପଏଣ୍ଟ ପରିଦର୍ଶନ କରି ଏହାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ପର୍ଯ୍ୟଟନ କ୍ଷେତ୍ରରେ ଏହି ସ୍ଥାନଟିକୁ ଅଧିକ ଆକର୍ଷଣୀୟ କରିବା ସହିତ ଏହାର ଉନ୍ନତିକରଣ ନେଇ ସ୍ଥାନୀୟ ବନ ବିଭାଗର ଅଧିକାରୀ ଏବଂ ରାଜସ୍ୱ ନିରୀକ୍ଷକଙ୍କ ସହିତ ଆଲୋଚନା କରିବା ନେଇ ବ୍ଲକ ପ୍ରଶାସନକୁ



ପରାମର୍ଶ ଦେଇଥିଲେ। ଏହି ସ୍ଥାନର ବିକାଶ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ସୌନ୍ଦର୍ଯ୍ୟକରଣ ପାଇଁ ଏହାର ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ବନ ବିଭାଗର ସହଯୋଗରେ ତୁରନ୍ତ ଏହି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି, ଏପିଡି ଅମୂଲ୍ୟ ବାଉଲ, ସହକାରୀ ଯନ୍ତ୍ରୀ ଦିଲ୍ଲୀପ ପଟେଲ ଏବଂ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

